ଆଜି - ଶନିବାର
ତାରିଖ - ୧୭ ଅକ୍ଟୋବର ୨୦୨୬
ମାସ - ତୁଳା, ଦିନ - ୦୧
ତିଥି - ଷଷ୍ଠୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ମଳ, ମୂଳା, ଧନୁ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୫: ୦୦
ସୂର୍ଯ୍ୟାସ୍ତ - ୫ : ୧୯ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-News : www.Ajikali epaper.com




ମା'ଙ୍କ କାଳରାତ୍ରୀ ବେଶ ।


Vol.- 42 ISSUE- 185 R.N.I. REGD. No. 44026/86 ବାଲେଶ୍ୱର ୧୭ ଅକ୍ଟୋବର ୨୦୨୬ ଶନିବାର BALASORE 17 OCTOBER 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦




ଫକୀରମୋହନ ଗୋଲେଇସ୍ଥିତ ସାଇଦୁର୍ଗା ମନ୍ଦିରରେ ନବରାତ୍ରର ଷଷ୍ଠ ଦିବସରେ ମା'ଙ୍କ 'କାତ୍ୟାୟନୀ' ବେଶ ଅନୁଷ୍ଠିତ ।

## ନବରାତ୍ରିରେ ମା' କାତ୍ୟାୟନୀଙ୍କୁ ପ୍ରାର୍ଥନା କଲେ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନବରାତ୍ରିରେ ଷଷ୍ଠୀର ପବିତ୍ର ଅବସରରେ ମା କାତ୍ୟାୟନୀଙ୍କୁ ପ୍ରାର୍ଥନା କରିଥିଲେ । ପ୍ରଧାନମନ୍ତ୍ରୀ କାମନା କରିଥିଲେ ଯେ, ତାଙ୍କ ଆଶୀର୍ବାଦରେ ସମସ୍ତଙ୍କ ଜୀବନ ଅପାର ଶକ୍ତି, ସାହସ ଏବଂ ସକାରାତ୍ମକ ଶକ୍ତିରେ ପରିପୂର୍ଣ୍ଣ ହେଉ ।

# ଦୀପାବଳି ପୂର୍ବରୁ କେନ୍ଦ୍ରୀୟ କର୍ମଚାରୀଙ୍କୁ ବୋନସ ଘୋଷଣା କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ : କେନ୍ଦ୍ର ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ କର୍ମଚାରୀଙ୍କୁ ୩୦ ଦିନର 'ନନ-ପ୍ରଡକ୍ଟିଭିଟି ଲିଙ୍କଡ' (ଆଡ-ହକ) ବୋନସ ପ୍ରଦାନ ପାଇଁ ଅନୁମୋଦନ ଦେଇଛନ୍ତି । ଏହି ବୋନସର ହିସାବ ମାସିକ ୭,୦୦୦ ଟଙ୍କାର ଦରମା ସୀମା ଆଧାରରେ କରାଯାଏ । ଅର୍ଥାତ୍ ଯଦି କୌଣସି କର୍ମଚାରୀଙ୍କ ହାରାହାରି ମାସିକ ଦରମା ଏହି ସୀମା ସହ ସମାନ କିମ୍ବା ତା'ଠାରୁ ଅଧିକ ହୁଏ, ତେବେ ତାଙ୍କୁ ୩୦ ଦିନ ପାଇଁ ସର୍ବାଧିକ ୬,୯୦୮ ଟଙ୍କା ବୋନସ ମିଳିବ । ଅନ୍ୟପକ୍ଷରେ, ଯେଉଁ କର୍ମଚାରୀଙ୍କ ହାରାହାରି ମାସିକ ଦରମା ଏହି ସୀମାଠାରୁ କମ, ସେମାନଙ୍କୁ ମିଳିବାକୁ ଥିବା ବୋନସ ରାଶି ମଧ୍ୟ କମ ହେବ । ଅର୍ଥ ମନ୍ତ୍ରଣାଳୟ ଅଧୀନସ୍ଥ ବ୍ୟୟ ବିଭାଗ ପକ୍ଷରୁ ୧୫ ଅକ୍ଟୋବର ୨୦୨୬ରେ ଜାରି ଏକ କାର୍ଯ୍ୟାଳୟ ସ୍ମାରକପତ୍ରରେ ଏହି ବୋନସ ପ୍ରଦାନ ପାଇଁ ରାଷ୍ଟ୍ରପତିଙ୍କ ଅନୁମୋଦନ ସମ୍ପର୍କରେ ସୂଚନା ଦିଆଯାଇଛି । ଏହି ନିଷ୍ପତି 'ଗ୍ରୁପ-ସି' କର୍ମଚାରୀ ଏବଂ 'ଗ୍ରୁପ-ବି'ର ସେହି ଅଣ-ଗେଜେଟେଡ କର୍ମଚାରୀଙ୍କ ପାଇଁ ଲାଗୁ ହେବ, ଯେଉଁମାନେ କୌଣସି 'ପ୍ରଡକ୍ଟିଭିଟି ଲିଙ୍କଡ ବୋନସ' ଯୋଜନାର



ଅନ୍ତର୍ଭୁକ୍ତ ନୁହନ୍ତି । ସୂଚନାଯୋଗ୍ୟ, କେନ୍ଦ୍ର ସରକାର କର୍ମଚାରୀଙ୍କୁ ସେମାନଙ୍କ ପଦବୀ ଓ ଦାୟିତ୍ୱ ଅନୁଯାୟୀ ଗ୍ରୁପ-ଏ, ଗ୍ରୁପ-ବି, ଗ୍ରୁପ-ସି ଓ ଗ୍ରୁପ-ଡି ଭାବେ ବର୍ଗୀକୃତ କରିଥାନ୍ତି । ଗ୍ରୁପ-ସିରେ ସାଧାରଣତଃ କିରାଣି, ହେଡ କ୍ଲର୍କ, ଟାଇପିଷ୍ଟ, ଆସିଷ୍ଟାଂଟ ଏବଂ ମଲ୍ଟି-ଟାସ୍କିଂ ଷ୍ଟାଫ ଆଦି ରହିଥାନ୍ତି । ଯୋଗ୍ୟତା ପୂରଣ କରୁଥିବା ଏହି କର୍ମଚାରୀମାନେ ପୂର୍ଣ୍ଣ ବୋନସ ପାଇବେ । ସେହିପରି ଗ୍ରୁପ-ବି କର୍ମଚାରୀଙ୍କୁ ଗେଜେଟେଡ ଓ ନନ-ଗେଜେଟେଡ ଭାବେ ବିଭକ୍ତ କରାଯାଇଛି । ଗେଜେଟେଡ ଅଧିକାରୀମାନେ ସରକାରୀ ନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ପ୍ରଶାସନିକ କିମ୍ବା ଅନୁମୋଦନ କ୍ଷମତା ରଖିଥାନ୍ତି । ସରକାରଙ୍କ ଘୋଷିତ ଏହି ବୋନସ କେବଳ ଯୋଗ୍ୟ ଅଣ-ଗେଜେଟେଡ କର୍ମଚାରୀଙ୍କୁ ମିଳିବ । ଏଥିରେ ବରିଷ୍ଠ ଆସିଷ୍ଟାଂଟ ଓ ସୁପରଭାଇଜରଙ୍କ ଭଳି କର୍ମଚାରୀ ସାମିଲ ହୋଇପାରନ୍ତି । ଗ୍ରୁପ-ଏ ଏବଂ ଗ୍ରୁପ-ବିର ଉଚ୍ଚପଦସ୍ଥ ଗେଜେଟେଡ ଅଧିକାରୀମାନେ ଏହି ବୋନସ ପାଇବେ ନାହିଁ । କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ ଏବଂ ସଶସ୍ତ୍ର ବାହିନୀର ଯୋଗ୍ୟ କର୍ମଚାରୀମାନେ ମଧ୍ୟ ଏହି ବୋନସ ଯୋଜନାରେ ସାମିଲ ହେବେ । ଏହାବ୍ୟତୀତ, କେନ୍ଦ୍ର ସରକାରଙ୍କ ଦରମା ଢାଂଚା ଅନୁସରଣ କରୁଥିବା କେନ୍ଦ୍ରଶାସିତ ଅଂଚଳର ଯୋଗ୍ୟ କର୍ମଚାରୀମାନେ ମଧ୍ୟ ଏହି ବୋନସ ପାଇପାରିବେ । ତେବେ ସେମାନେ ଅନ୍ୟ କୌଣସି ବୋନସ କିମ୍ବା ଅନୁଗ୍ରହ ରାଶି (ଏକ୍ସ-ଗ୍ରେସିଆ) ଯୋଜନାର ଅନ୍ତର୍ଭୁକ୍ତ ହୋଇନଥିବା ଆବଶ୍ୟକ । ଅତିକମରେ ୬ ମାସର ନିରବଚ୍ଛିନ୍ନ ସେବା: କର୍ମଚାରୀ ଜଣକ ୨୦୨୫-୨୬ ଆର୍ଥିକ ବର୍ଷରେ ଅତିକମରେ ୬ ମାସ ନିରନ୍ତର ସେବା ପୂରଣ କରିଥିବା ଆବଶ୍ୟକ । ୩୧ ମାର୍ଚ୍ଚ ୨୦୨୬ରେ ଚାକିରିରେ ଥିବା ଆବଶ୍ୟକ: ହିସାବ ବର୍ଷ ୨୦୨୫-୨୬ର ଶେଷ ଦିନ ଅର୍ଥାତ୍ ୩୧ ମାର୍ଚ୍ଚ ୨୦୨୬ରେ କର୍ମଚାରୀ ଜଣକ ସେବାରେ ରହିଥିବା ଆବଶ୍ୟକ । ୬ ମାସରୁ ଅଧିକ, କିନ୍ତୁ ୧ ବର୍ଷରୁ କମ ସେବା ପାଇଁ ଆନୁପାତିକ ବୋନସ: ଯେଉଁ କର୍ମଚାରୀଙ୍କ ସେବା ଅବଧି ୬ ମାସରୁ ଅଧିକ, କିନ୍ତୁ ୧ ବର୍ଷରୁ କମ, ସେମାନଙ୍କୁ ଆନୁପାତିକ ହାରରେ (ପ୍ରୋ-ରାଟା ଆଧାରରେ) ବୋନସ ମିଳିବ । ଅର୍ଥାତ୍ ସମ୍ପୂର୍ଣ୍ଣ ୬,୯୦୮ ଟଙ୍କା ବଦଳରେ ଆର୍ଥିକ ବର୍ଷରେ ସେମାନେ ଯେତେ ମାସ ସେବା ପୂରଣ କରିଥିବେ, ସେହି ଅନୁପାତରେ ବୋନସ ରାଶି ହିସାବ କରାଯିବ ।

## ସରପଂଚ ଓ ନାଏବ ସରପଂଚଙ୍କୁ ପୂଜା ଭେଟି

### ୬ ମାସର ସମ୍ମାନ ରାଶି ମଂଜୁର କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ରାଜ୍ୟର ଗ୍ରାମ ପଂଚାୟତସ୍ତରରେ ନିର୍ବାଚିତ ଜନପ୍ରତିନିଧି ରୂପେ କାର୍ଯ୍ୟରତ ସରପଂଚ ଓ ନାଏବ ସରପଂଚଙ୍କ ପାଇଁ ଛଅ ମାସର ସମ୍ମାନ ରାଶି(Honorarium) ମଂଜୁର କରିଛନ୍ତି । ଏଥିପାଇଁ ସମୁଦାୟ ୫୬କୋଟି ୫୫ଲକ୍ଷ ୭୨ହଜାର ଟଙ୍କା ପ୍ରଦାନ ନିମନ୍ତେ ମଂଜୁର ହୋଇଛି । ସୂଚନାଯୋଗ୍ୟ ଯେ, ପିଛିଲା ୦୧.୦୪.୨୦୨୬ରୁ ୩୦.୦୯.୨୦୨୬ ପର୍ଯ୍ୟନ୍ତ ୬ମାସର ଏହି ସମ୍ମାନ ରାଶି ପ୍ରଦାନ କରାଯିବ । ସରପଂଚମାନେ ୧୦ହଜାର ଟଙ୍କା ଓ ନାଏବ ସରପଂଚମାନେ ୪ହଜାର ଟଙ୍କା ଲେଖାଏଁ ଏହି ସମ୍ମାନ ରାଶି ପାଇବେ ।

## ଉସ୍ତାଦ ବିସମିଲ୍ଲା ଖାନ ଯୁବ ପୁରସ୍କାର ପ୍ରଦାନ କରିବେ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ

ନୂଆଦିଲ୍ଲୀ : ଭାରତ ସରକାରଙ୍କ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ୧୯ ଅକ୍ଟୋବର ୨୦୨୬ ସକାଳ ୧୦ଟାରେ ନୂଆଦିଲ୍ଲୀର ରବୀନ୍ଦ୍ର ଭବନସ୍ଥିତ ମେଘଦୂତ କମ୍ପ୍ଲେକ୍ସରେ ସଙ୍ଗୀତ, ନୃତ୍ୟ ଏବଂ ନାଟକ କ୍ଷେତ୍ରରେ ୧୦୬ ଜଣ ଯୁବ କଳାକାରଙ୍କୁ ୨୦୨୪ ଏବଂ ୨୦୨୫ ବର୍ଷ ପାଇଁ ଉସ୍ତାଦ ବିସମିଲ୍ଲା ଖାନ ଯୁବ ପୁରସ୍କାର ପ୍ରଦାନ କରିବେ । ସଂସ୍କୃତି ମନ୍ତ୍ରଣାଳୟର ସଚିବ ଶ୍ରୀ ବିବେକ ଅଗ୍ରୱାଲ ସମ୍ମାନିତ ଅତିଥି ହେବେ ଏବଂ ସଙ୍ଗୀତ ନାଟକ ଏକାଡେମୀର ଅଧ୍ୟକ୍ଷ ଡକ୍ଟର ସନ୍ଧ୍ୟା ପୁରେଚା ପୁରସ୍କାର ସମାରୋହରେ ଅଧ୍ୟକ୍ଷତା କରିବେ ।

## ଅଳ୍ପରେ ଖବର

- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଗ୍ରାମ ପଂଚାୟତସ୍ତରରେ ନିର୍ବାଚିତ ଜନପ୍ରତିନିଧି ରୂପେ କାର୍ଯ୍ୟରତ ସରପଂଚ ଓ ନାଏବ ସରପଂଚଙ୍କ ପାଇଁ ଛଅ ମାସର ସମ୍ମାନ ରାଶି ମଂଜୁର କରିଛନ୍ତି ।
- ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିବାରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି ।
- କଟକ ଦଶହରା ପାଇଁ ବ୍ଲୁ ପ୍ରିଂଟ ପ୍ରସ୍ତୁତ କରିଛି ପୋଲିସ । ଶୃଙ୍ଖଳା ରକ୍ଷା ପାଇଁ ପୁରା ସହରରେ ଲାଗିବ ୧୩ ଶହରୁ ଅଧିକ କ୍ୟାମେରା, ଏବଂ ସହରରେ ମୁତୟନ ହେବେ ୬୦ ପ୍ଲାଟୁନ ପୋଲିସ ଫୋର୍ସ ।
- ବିଶ୍ୱ ଖାଦ୍ୟ ଦିବସ ଅବସରରେ ପ୍ରକୃତି ମାତା ଓ ଅନ୍ନଦାତାଙ୍କ ପ୍ରତି ସମ୍ମାନ ଏବଂ କୃତଜ୍ଞତା ଜଣାଇଛନ୍ତି ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ।

# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର ସ୍ୱାକ୍ଷରିତ ହେବ : ନିର୍ମଳା ସୀତାରମନ

ନୂଆଦିଲ୍ଲୀ : କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ ଶୁକ୍ରବାର ଆଶା ବ୍ୟକ୍ତ କରିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ବିଶ୍ୱ ବାଣିଜ୍ୟ ଏବଂ ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କର ସ୍ୱାର୍ଥରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯଥାଶୀଘ୍ର ସମାପ୍ତ ହେବ । ବ୍ୟାଙ୍କକ୍ (ଥାଇଲାଣ୍ଡ) ରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି-ବିଶ୍ୱ ବ୍ୟାଙ୍କ ବାର୍ଷିକ ବୈଠକ ସମୟରେ ରେସିଡେଂଟ ସିନିୟର ଫେଲୋ (ଦକ୍ଷିଣ ଏସିଆ) ମାଇକେଲ କୁଗେଲମ୍ୟାନଙ୍କ ସହ ଏକ ଇଂଟରାକ୍ଟିଭ୍ ଅଧିବେଶନରେ ନିର୍ମଳା ଏହା କହିଛନ୍ତି ବୋଲି ଅର୍ଥ ମନ୍ତ୍ରଣାଳୟ 'ଏକ୍ସ' ରେ ଏକ ପୋଷ୍ଟରେ କହିଛି । 'ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରହିଛି । ମୁଁ ଆଶା କରୁଛି ଯେ ଦୁଇ ଅଂଶୀଦାର ଭାରତ ଏବଂ ଆମେରିକା ମଧ୍ୟରେ ବିଶ୍ୱ ବାଣିଜ୍ୟ ଏବଂ ବାଣିଜ୍ୟ ସ୍ୱାର୍ଥରେ, ଏହି ବାଣିଜ୍ୟ ରାଜିନାମା ଯଥାଶୀଘ୍ର ସମାପ୍ତ ହେବ । ବେଜିଂ ସହିତ ବର୍ଷ ବର୍ଷ ଧରି ସମ୍ପର୍କ



ରହିଥିବା ସତ୍ତ୍ୱେ, ବାଣିଜ୍ୟିକ ଅସନ୍ତୁଳନ ବୃଦ୍ଧି ଏବଂ ଚୀନରେ ଭାରତୀୟ ଉତ୍ପାଦଗୁଡ଼ିକର ବଜାର ପ୍ରବେଶ ଉପରେ ଜାରି ରହିଥିବା ପ୍ରତିବନ୍ଧକ ଏବେବି ଏକ ବଡ଼ ଚିନ୍ତାର ବିଷୟ ହୋଇ ରହିଛି ବୋଲି ଶ୍ରୀମତୀ ସୀତାରମନ କହିଥିଲେ । କେନ୍ଦ୍ର ଅର୍ଥମନ୍ତ୍ରୀ ଦର୍ଶାଇଛନ୍ତି ଯେ, ସମସ୍ତ ବାଧାବିଘ୍ନ ସତ୍ତ୍ୱେ ଭାରତ ଏହାର ଅଭିବୃଦ୍ଧି ହାର ବଜାୟ ରଖିବାରେ ସଫଳ ହୋଇଛି ।ଭାରତର ଜିଡିପି ଅଭିବୃଦ୍ଧି ସମ୍ପର୍କରେ ଅର୍ଥମନ୍ତ୍ରୀ କହିଥିଲେ, 'ବାସ୍ତବରେ, କୋଭିଡ ପରେ ଗତ ଚାରି-ପାଂଚ ବର୍ଷ ମଧ୍ୟରେ ଆମେ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ହୋଇ ରହିଛୁ ।' ଏହି ପ୍ରଦର୍ଶନ ଆମେ ନିରନ୍ତର କରୁଥିବା ପ୍ରୟାସର ଅନୁରୂପ ଅଟେ । ସେ କହିଥିଲେ ଯେ, ଏହାର ମୁଖ୍ୟ କାରଣଗୁଡ଼ିକ ମଧ୍ୟରେ 'ସମାବେଶୀ' ହେବା ଅନ୍ତର୍ଭୁକ୍ତ । ଶ୍ରୀମତୀ ସୀତାରମନ କହିଥିଲେ ଯେ, ପ୍ରତ୍ୟେକଙ୍କର ସମ୍ବଳର ଉପଲବ୍ଧତା ସୁନିଶ୍ଚିତ କରିବା, ଯୁବପିଢ଼ିଙ୍କ ପାଇଁ ଦକ୍ଷତା ବିକାଶର ସୁଯୋଗ ସୁନିଶ୍ଚିତ କରିବା ଏବଂ ଏହି ପ୍ରକ୍ରିୟାରେ ଆର୍ଥିକ ଶୃଙ୍ଖଳା ବଜାୟ ରଖିବା ସୁନିଶ୍ଚିତ କରିବା । ଆମେ ସଚେତନ ଯେ ଜନସାଧାରଣଙ୍କ ଅର୍ଥ ପ୍ରତି ଆମର ଦାୟିତ୍ୱ ରହିଛି । ତେଣୁ, ଆମେ ଭଲ ଭାବେ ଜାଣୁ ଯେ ଅର୍ଥବ୍ୟବସ୍ଥାର ଦୁର୍ବଳ ବର୍ଗଙ୍କ ଯତ୍ନ ନେବାକୁ ପଡ଼ିଲେ ମଧ୍ୟ ଆମେ ଅଯଥା ଅର୍ଥ ଖର୍ଚ୍ଚ କରିପାରିବୁ ନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ, କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଗୁରୁବାର କହିଛନ୍ତି ଯେ, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଚୂଡ଼ାନ୍ତ ହୋଇଛି ଏବଂ ବର୍ତ୍ତମାନ ଆଇନଗତ ଭାବରେ ଡ୍ରାଫ୍ଟ ପ୍ରସ୍ତୁତ କରାଯାଉଛି ।

## ଝାରସୁଗୁଡ଼ାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ କଲେ ରାଜସ୍ୱମନ୍ତ୍ରୀ

ଝାରସୁଗୁଡ଼ା(ନି.ପ୍ର) : ଝାରସୁଗୁଡ଼ା ଜିଲ୍ଲାର ପରିବହନ ଓ ଗମନାଗମନ ଭିତିଭୂମିକୁ ଅଧିକ ସୁଦୃଢ଼ ତଥା ଯାତ୍ରୀ-ଅନୁକୂଳ କରିବା ଲକ୍ଷ୍ୟରେ ଆଜି ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲ୍ଲାର ବେଲପାହାଡ଼ଠାରେ ୧୭ କୋଟି ୭୭ ଲକ୍ଷ ୬୨ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଅଟଳ ବସ୍‌ଷ୍ଟାଣ୍ଡର ଭବ୍ୟ ଲୋକାର୍ପଣ ସମ୍ପନ୍ନ ହୋଇଥିବା ବେଳେ ଲଖନପୁରଠାରେ ୯ କୋଟି ୪୦ ଲକ୍ଷ ୩୨ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ନୂତନ ଅଟଳ ବସ୍‌ଷ୍ଟାଣ୍ଡର ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଏହା ସହିତ ଆଂଚଳିକ ଯୋଗାଯୋଗକୁ ସୁଗମ କରିବା ପାଇଁ କିରମିରାରୁ ଲଇକେରା ଓ ଝାରସୁଗୁଡ଼ା ଦେଇ ଲଖନପୁର ପର୍ଯ୍ୟନ୍ତ ନୂତନ 'ଏମ୍‌ବିଏସ୍' ବସ୍ ଚଳାଚଳର ମଧ୍ୟ ଶୁଭାରମ୍ଭ କରାଯାଇଛି । ଏହି



ସମାରୋହରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ବିଭାଗର ମାନ୍ୟବର ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରକଳ୍ପଗୁଡ଼ିକର ଶୁଭ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ ।ଥିଲେ । ଏଥିସହ ଏହି ଅବସରରେ ବରେଣ୍ୟ ଅତିଥି ଭାବରେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଏବଂ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ଲଖନପୁର ପଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ହୁତେଶ୍ୱରୀ ତିହିରିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ମହିଳା ଓ ଶିଶୁ ବିକାଶ ବିଭାଗର ଲକ୍ଷ୍ୟ ନିର୍ଦ୍ଧାରଣ ଓ ତ୍ୱରିତ୍ କାର୍ଯ୍ୟାନ୍ୱୟନ ସମୀକ୍ଷା ବୈଠକରେ ଅଧକ୍ଷତା କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ରାଜ୍ୟର ଲକ୍ଷ୍ୟ ନିର୍ଦ୍ଧାରଣ ଓ ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ବିଭାଗୀୟ ଆକ୍ସନ୍ ପ୍ଲାନ୍ ସମ୍ପର୍କରେ ବିସ୍ତୃତ ଆଲେଚନା କରାଯାଇଛି । ଉଦ୍ଦିଷ୍ଟ ଲକ୍ଷ୍ୟଗୁଡ଼ିକର ସଫଳ ରୂପାୟନ, ଆନ୍ତଃ-ବିଭାଗୀୟ ସମନ୍ୱୟ ବୃଦ୍ଧି ଏବଂ କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ଖୁବ୍‌ଶୀଘ୍ର ୪ଟି ପ୍ରମୁଖ ବିଷୟବସ୍ତୁକୁ ନେଇ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ଗତ ଅକ୍ଟୋବର ୮ ଓ ୯ ତାରିଖରେ ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ



କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଜାତୀୟ ସମ୍ମିଳନୀର ନିଷ୍କର୍ଷ ଆଧାରରେ ଏହି ଲକ୍ଷ୍ୟଗୁଡ଼ିକ ସ୍ଥିର କରାଯାଇଛି । ସରକାରୀ ଯୋଜନାର ପ୍ରକୃତ ଲାଭ ଯେପରି ମହିଳା ଓ ଶିଶୁମାନଙ୍କ ନିକଟରେ ପହଂଚିପାରିବ, ସେଥିପାଇଁ ସୁଦୃଢ଼ ମୋନିଟରିଂ, ସମୟବଦ୍ଧ ଆକ୍ସନ୍ ପ୍ଲାନ୍ ଏବଂ ଉତରଦାୟୀ କାର୍ଯ୍ୟାନ୍ୱୟନ ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । କେନ୍ଦ୍ର ସରକାରଙ୍କ ସହ ତାଳଦେଇ ଓଡ଼ିଶା ଚାରୋଟି ମୁଖ୍ୟ କ୍ଷେତ୍ରକୁ ପ୍ରାଥମିକତା ଦେଇଛି, ଯାହା ମଧ୍ୟରେ ପୁଷ୍ଟିସାଧନ ଓ ପ୍ରାରମ୍ଭିକ ଶିଶୁ ବିକାଶ, 'ମିସନ୍ ବାତ୍ସଲ୍ୟ' ଅଧୀନରେ ଶିଶୁ ସୁରକ୍ଷା, ମହିଳା ସୁରକ୍ଷା ଏବଂ ମହିଳା ସଶକ୍ତିକରଣ ଅନ୍ତର୍ଭୁକ୍ତ । ପୁଷ୍ଟିସାଧନ ଓ ପ୍ରାରମ୍ଭିକ ଶିଶୁ ବିକାଶ ଅଧୀନରେ ଟେକ୍-ହୋମ୍ ରାସନ୍ ଓ ରନ୍ଧା ଖାଦ୍ୟର ଗୁଣବତା ବୃଦ୍ଧି, 'ପୋଷଣ ଟ୍ରାକର୍' ମାଧମରେ ଅନୁଧ୍ୟାନ, ଅତିଶୟ ପୁଷ୍ଟିହୀନ ଶିଶୁଙ୍କୁ ଶୀଘ୍ର ଚିହ୍ନଟ କରି ଚିକିତ୍ସା ପାଇଁ ପ୍ରେରଣ କରିବା ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଶିଶୁ-ଅନୁକୂଳ କରି ପ୍ରାକ୍-ବିଦ୍ୟାଳୟ ଶିକ୍ଷାରେ ସୁଧାର ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଶିଶୁ ସୁରକ୍ଷା କ୍ଷେତ୍ରରେ ପରିବାର-କୈନ୍ଦ୍ରିକ ଓ ପ୍ରତିରୋଧାତ୍ମକ ବ୍ୟବସ୍ଥା ଗ୍ରହଣ କରାଯିବା ସହ ଅନାଥ ଆଶ୍ରମ ବଦଳରେ ପରିବାର-ଭିତିକ ଯତ୍ନ, ଆଶ୍ରମ ଛାଡୁଥିବା ଶିଶୁଙ୍କ ପୁନର୍ବାସ ଓ ଆଫ୍ଟରକେୟାର ସପୋର୍ଟ ସୁନିଶ୍ଚିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ସେହିପରି ମହିଳା ସୁରକ୍ଷା ପାଇଁ 'ୱାନ୍ ଷ୍ଟପ୍ ସେଂଟର୍' ଓ '୧୮୧ ମହିଳା ହେଲ୍ପଲାଇନ୍'କୁ ଅଧିକ ସୁଦୃଢ଼ କରାଯିବ ।

## ୧୦ ହଜାର ସହରାଂଚଳ ପରିବାର ପାଇଁ ଗୃହ ଯୋଜନାର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର : ସହରାଂଚଳର ଗରିବ, ଅସହାୟ ଓ ଅବହେଳିତ ବର୍ଗଙ୍କୁ ସୁଲଭ ଆବାସ ଯୋଗାଇଦେବା ସହ ସେମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧକ୍ଷତାରେ ଆଜି ଭୁବନେଶ୍ୱରସ୍ଥିତ ଉନ୍ନତି ଭବନଠାରେ ଓଡ଼ିଶା ବାସଯୋଗ୍ୟ ଆବାସ ମିଶନର ତୃତୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସୁଲଭ ଆବାସ ଯୋଜନାର ଅଗ୍ରଗତି, ମିଶନ୍ ର ଆର୍ଥିକ ପରିଚାଳନା ଓ ବିଭିନ୍ନ ପ୍ରଶାସନିକ ପ୍ରସଙ୍ଗ ସମୀକ୍ଷା କରାଯାଇଥିଲା । ଗୃହ ନିର୍ମାଣ ଯୋଜନାକୁ କାଗଜପତ୍ରରେ ସୀମିତ ନରଖି ଶୀଘ୍ର କାର୍ଯ୍ୟକାରୀ କରିବା



ସହ ଯୋଗ୍ୟ ପରିବାରଙ୍କୁ ନିର୍ଦ୍ଧାରିତ ସମୟରେ ଏହାର ସୁଫଳ ପହଂଚାଇବାକୁ ଶ୍ରୀମତୀ ପାଢ଼ୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୁଲଭ ଆବାସ ସହଭାଗିତା ଉପାଦାନ ଅଧୀନରେ ନଅଟି ସହରାଂଚଳ ସ୍ଥାନୀୟ ସଂସ୍ଥାର ୧୦ ହଜାର ପରିବାରଙ୍କ ପାଇଁ ଗୃହ ଯୋଜନା ପ୍ରସ୍ତୁତ ହୋଇସାରିଛି । ଏହି ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପଦକ୍ଷେପ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ । ଯୋଜନାର ଲାଭ ଯେପରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଂଚେ, ତାହା ସୁନିଶ୍ଚିତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ୍ ଅଧୀନରେ ପ୍ରସ୍ତାବିତ ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମର ମାର୍ଗଦର୍ଶିକା ଶୀଘ୍ର ଚୂଡ଼ାନ୍ତ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ସହରାଂଚଳର ଅତ୍ୟନ୍ତ ଅସହାୟ ବର୍ଗଙ୍କ ଆବାସ ଓ ଜୀବନଧାରଣ ସମ୍ବନ୍ଧୀୟ ଆବଶ୍ୟକତାକୁ ଏହି ଯୋଜନାରେ ପ୍ରାଥମିକତା ଦେବାକୁ ସେ କହିଥିଲେ ।





# ୯୭ ମଣ୍ଡପରେ ପୂଜା ପାଇବେ ମା' ଦୁର୍ଗା : ଆଜି ମହାସପ୍ତମୀ



ଆଜିମାବାଦ ପୂଜା ତୋରଣ







ବାଲେଶ୍ୱର, (ନି.ପ୍ର): ମା' ଦୁର୍ଗାଙ୍କ ଆଗମନକୁ ନେଇ ଚଳଚଂଚଳ ହୋଇଉଠିଛି ବାଲେଶ୍ୱର ସହର । ଆସନ୍ତା ଶାରଦୀୟ ଦୁର୍ଗାପୂଜା ପାଇଁ ସହରର ବିଭିନ୍ନ ମଣ୍ଡପରେ ପ୍ରସ୍ତୁତି ଜୋରଦାର ହୋଇଥିବା ବେଳେ ଆକର୍ଷଣୀୟ ତୋରଣ, ମନମୋହକ ସାଜସଜ୍ଜା ଓ ସୁନ୍ଦର ମୃଣ୍ମୟୀ ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର । ପାର୍ବଣକୁ ସ୍ୱାଗତ କରିବା ପାଇଁ ବଜାରରେ ମଧ ଉତ୍ସାହ ବଢ଼ିଛି । ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ପକ୍ଷରୁ ଆକର୍ଷଣୀୟ ରିହାତି ଓ ଅଫ ?ଦିଆଯାଉଥିବାରୁ ସହରରେ ପାର୍ବଣର ମାହୋଲ ସୃଷ୍ଟି ହୋଇଛି ।ଚଳିତ ବର୍ଷ ବାଲେଶ୍ୱର ସହରର ମୋଟ ୭୮ଟି ପୂଜା ମଣ୍ଡପରେ ମା' ଦୁର୍ଗା ପୂଜା ପାଇବେ । ଗତବର୍ଷ ୭୭ଟି ମଣ୍ଡପରେ ପୂଜା ହୋଇଥିବା ବେଳେ ଏଥର ଆଉ ଗୋଟିଏ ମଣ୍ଡପ ବୃଦ୍ଧି ପାଇଛି । ସମସ୍ତ ୭୮ଟି ମଣ୍ଡପକୁ ପୂଜା ଆୟୋଜନ ପାଇଁ ପ୍ରଶାସନ ପକ୍ଷରୁ ଅନାପତି ପ୍ରମାଣପତ୍ର (ଏନ୍ ?ଓସି) ପ୍ରଦାନ କରାଯାଇଛି ।ଏଥର ସହରର ବିଭିନ୍ନ ପୂଜା ମଣ୍ଡପରେ ଭିନ୍ନ ଭିନ୍ନ ଶୈଳୀର ତୋରଣ ଓ ସାଜସଜ୍ଜା ଦର୍ଶକଙ୍କୁ ଆକୃଷ୍ଟ କରିବ । ଝାଡ଼େଶ୍ୱର ପୂଜା କମିଟି ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିରର ସ୍ଥାପତ୍ୟ ଶୈଳୀରେ ତୋରଣ ନିର୍ମାଣ କରାଯିବାର ଯୋଜନା ରହିଛି । ସେହିପରି ମାକଲପୁର ପୂଜା ମଣ୍ଡପରେ ଆଦିବାସୀ ପରମ୍ପରା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳିବ । ପାନକାଠିରେ ତୋରଣ ନିର୍ମାଣ କରି ପାରମ୍ପରିକ କଳାକୁ ପ୍ରଦର୍ଶିତ କରିବାର ଯୋଜନା ରହିଛି । ନୂଆବଜାର, ଚାଉଳିଆସାହି ଓ ଦାମୋଦରପୁର ସମେତ ଅନ୍ୟ ପୂଜା କମିଟିଗୁଡ଼ିକ ମଧ ମଣ୍ଡପ ନିର୍ମାଣ ଓ ସାଜସଜ୍ଜାକୁ ଗୁରୁତ୍ୱ ଦେଉଛନ୍ତି ।ଚଳିତ ବର୍ଷ ଆଜିମାବାଦ ପୂଜା କମିଟିର ସୁବର୍ଣ୍ଣ ଜୟନ୍ତୀ ପାର୍ବଣର ଅନ୍ୟତମ ପ୍ରମୁଖ ଆକର୍ଷଣ ହେବ । ଏଠାରେ ପ୍ରାୟ ୩୦ ଫୁଟ ଉଚ୍ଚତାର ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ କରାଯାଉଥିବା ବେଳେ ପ୍ରାୟ ୬୦ ଫୁଟ ଉଚ୍ଚତାର ନବଦ୍ୱୀପସ୍ଥିତ ଇସ୍କନ ମନ୍ଦିର ଶୈଳୀରେ ତୋରଣ ନିର୍ମାଣ ପାଇଁ ଯୋଜନା କରାଯାଇଛି । ଏଥିସହ ଅନ୍ୟ ଏକ ୧୨ ଫୁଟ ଉଚ୍ଚତାର ମା'ଙ୍କ ମୂର୍ତ୍ତି ସହ ଭଗବାନ ବିଷ୍ଣୁଙ୍କ ଦଶାବତାରର ମୂର୍ତ୍ତି ମଧ ନିର୍ମାଣ କରାଯିବ । ଏହି ଆକର୍ଷଣୀୟ ସାଜସଜ୍ଜା ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ମନ ମୋହିବ ବୋଲି ଆଶା କରାଯାଉଛି ।ବାଲେଶ୍ୱର ସହରର ଦୁର୍ଗାପୂଜାର ଅନ୍ୟତମ ବିଶେଷତ୍ୱ ହେଉଛି ଏହାର ଦୀର୍ଘ ପରମ୍ପରା । ସହରରେ ୧୪ରୁ ଅଧିକ ପୁରାତନ ପୂଜା ମେଢ଼ ରହିଛି । ସେଥିମଧ୍ୟରୁ ଦୁଇଟି ମେଢ଼ର ପରମ୍ପରା ଶହେ ବର୍ଷରୁ ଅଧିକ ପୁରୁଣା । ତିନୋଟି ମେଢ଼ ୭୫ ବର୍ଷରୁ ଅଧିକ ଏବଂ ନଅଟି ମେଢ଼ ୫୦ ବର୍ଷରୁ ଅଧିକ ପୁରୁଣା ବୋଲି ଜଣାପଡ଼ିଛି । ରେଳଷ୍ଟେସନ ସାର୍ବଜନୀନ ପୂଜା, ମାରଓ୍ୱାଡ଼ିପଟି ଆଶ୍ରମ ପୂଜା, ନୂଆବଜାର ବ୍ୟବସାୟୀ ମହାସଂଘ ପୂଜା, ସିନେମାଛକ ପୂଜା, ସୁନହଟ କନକଦୁର୍ଗା ପୂଜା, ଭାସ୍କରଗଞ୍ଜ, ଷ୍ଟେସନ ଛକ, କଚେରି ଗେଟ୍ ?, ନୂଆବଜାର ସାରଥୀ ସଂଘ, ଶୋଭାରାମପୁର, ଫାଶିକ୍ଷକ ତରୁଣ ସମିତି, ଟାଉନ ହଲ୍ ?, କାଳୀମନ୍ଦିର, ବଣିଆ ମନ୍ଦିର ଓ ଆଜିମାବାଦ ପୂଜା ଆଦି ଏହି ଐତିହାସିକ ପରମ୍ପରାର ପରିଚୟ ବହନ କରୁଛନ୍ତି ।ପୂଜା ଆୟୋଜନ ସହ ଶୃଙ୍ଖଳିତ ବିସର୍ଜନ ପାଇଁ ମଧ ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି । ମଣ୍ଡପଗୁଡ଼ିକ ମଧ୍ୟରୁ ଟାଉନ ଥାନା ଅଧୀନରେ ୩୩ଟି, ସହଦେବଖୁଂଟା ଥାନା ଅଧୀନରେ ୩୧ଟି, ଶିଳ୍ପାଂଚଳ ଥାନା ଅଧୀନରେ ୬ଟି ଏବଂ ସଦର ଥାନା ଅଂଚଳରେ ୮ଟି ମଣ୍ଡପ ରହିଛି । ସମସ୍ତ ୭୮ଟି ମଣ୍ଡପରେ ପୂଜା ସମ୍ପନ୍ନ ହେବା ପରେ ଆସନ୍ତା ୨୨ ତାରିଖରେ ମା'ଙ୍କ ମୂର୍ତ୍ତି ବିସର୍ଜନ କରାଯିବ । ପାରମ୍ପରିକ ରୀତିନୀତି, ଆଧୁନିକ ସାଜସଜ୍ଜା ଓ ବିବିଧ ସାଂସ୍କୃତିକ ଆକର୍ଷଣର ସମନ୍ୱୟରେ ଚଳିତ ବର୍ଷର ଦୁର୍ଗାପୂଜା ବାଲେଶ୍ୱର ସହରବାସୀଙ୍କ ପାଇଁ ଏକ ସ୍ମରଣୀୟ ଉତ୍ସବ ହେବାକୁ ଯାଉଛି ବୋଲି ଶ୍ରଦ୍ଧାଳୁଙ୍କ ଭିତରେ ଚର୍ଚ୍ଚା ହେଉଛି ।

# ବାଲେଶ୍ୱରରେ ସଦର ବିଜେଡି ପକ୍ଷରୁ ପାଳିତ ହେଲା ନବୀନଙ୍କ ୮୦ତମ ଜନ୍ମଦିନ

ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ସଦର ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୮୦ତମ ଜନ୍ମଦିନ ଶୁକ୍ରବାର ରାଣୀପାଟଣାସ୍ଥିତ ଦୃଷ୍ଟିବାଧିତ ଶିଶୁଙ୍କ ବିଦ୍ୟାଳୟରେ ପାଳିତ ପିଲାମାନେ ନବୀନ ପଟ୍ଟନାୟକଙ୍କ ଉପରେ ଆଧାରିତ ଏକ ସଙ୍ଗୀତ ପରିବେଷଣ କରିଥିଲେ ।ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ସ୍ୱରୂପ କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଟ୍ଟନାୟକ, ମୀତା ପଟ୍ଟନାୟକ, ସନ୍ଧ୍ୟାରାଣୀ ଜେନା, ସବିତା ଦାସ ଓ କବିତା ମୁର୍ମୁ ଉପସ୍ଥିତ ଥିଲେ । ସେହିପରି ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର ଓ ସେକ୍ ସାକୀର, ଟାଉନ ଉପସଭାପତି ରମେଶ ମାଝୀ ଓ



ହୋଇଯାଇଛି । ଏହି ଅବସରରେ କେକ୍ ? କାଟିବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ବଂଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ଓ ଜନକଲ୍ୟାଣମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହ ବିଦ୍ୟାଳୟର କୁନି କୁନି ପୌର ଉପାଧ୍ୟକ୍ଷ କୈଳାଶ ଚନ୍ଦ୍ର ସେଠୀ, ଜିଲ୍ଲା ଉପସଭାପତି ରଞ୍ଜନ ବାଗ, ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ଜିଲ୍ଲା ମହିଳା କାର୍ଯ୍ୟକାରୀ ସଭାପତି ମୀନା ମହାନ୍ତି, ଯୁବ କାର୍ଯ୍ୟକାରୀ ସଭାପତି ଭାରତ ଭୂଷଣ ଦାସ, କାଉନସିଲର ସେକ୍ ଆୟୁବ, କାର୍ତ୍ତିକ ସାହୁ, ଅର୍ପିତା ପ୍ରିୟଦର୍ଶିନୀ ଅତୁଲ ଶତପଥୀ, ଟାଉନ ସମ୍ପାଦକ ନଳିନୀ ଦାସ, ଯୁବ ନେତା ସେକ୍ ଅନସର ଅଲ୍ଲୀ, ଭବାନୀ ପଣ୍ଡା, ଦେବାଶିଷ ଦାସ, ସୋନିଆ ମୁର୍ମୁ, ମିଥୁନ ଦାସ, କିଶୋର ରାଉତ ଓ ଅଶ୍ୱିନୀ ନାୟକଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ବାଲେଶ୍ୱରରେ ଛାତ୍ର ସଂସଦ ନିର୍ବାଚନ: ଏଫ୍ଏମ୍ କଲେଜରେ ଏବିଭିପିର ବାଜିମାତ, ବିଶ୍ୱବିଦ୍ୟାଳୟରେ ବିସିଜେଡି ସଭାପତି

ବାଲେଶ୍ୱର(ନି.ପ୍ର.): ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଫଳାଫଳକୁ ନେଇ ରାଜନୈତିକ ଉଷ୍ମତା ବଢ଼ିଛି । ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ସଭାପତି ପଦ ହାତେଇଥିବା ବେଳେ ଏଫ୍ ?ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ପ୍ରାର୍ଥୀମାନେ ଅଧିକାଂଶ ପଦରେ ବିଜୟୀ ହୋଇଛନ୍ତି । ଅନ୍ୟପକ୍ଷରେ, ଜିଲ୍ଲାର ଅନ୍ୟ କେତେକ ମହାବିଦ୍ୟାଳୟରେ ମଧ ବିଭିନ୍ନ ଛାତ୍ର ସଂଗଠନର ପ୍ରାର୍ଥୀମାନେ ବିଜୟୀ ହୋଇଥିବା ବେଳେ କେତେକ ସ୍ଥାନରେ ଫଳାଫଳକୁ ନେଇ ଅସନ୍ତୋଷ ଦେଖାଦେଇଛି ।ରେମୁଣାସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟର ବହୁ ପ୍ରତୀକ୍ଷିତ ଛାତ୍ର ସଂସଦ ନିର୍ବାଚନରେ ବିସିଜେଡି, ଏବିଭିପି ଓ ସ୍ୱାଧୀନ ପ୍ରାର୍ଥୀମାନେ ସଫଳତା ହାସଲ କରିଛନ୍ତି । ସଭାପତି ପଦରେ ବିସିଜେଡିର ଜନସନ ବେହେରା ବିଜୟୀ ହୋଇଥିବା ବେଳେ ସାଧାରଣ ସମ୍ପାଦକ ପଦରେ ଏବିଭିପିର ମୁକେଶ ପଣ୍ଡା ବିଜୟ ଲାଭ କରିଛନ୍ତି । ଉପସଭାପତି ପଦରେ ମଳୟ କୁମାର ପଣ୍ଡା ଏବଂ କ୍ରୀଡ଼ା ସହ ସମ୍ପାଦକ ପଦରେ ସ୍ୱାଧୀନ କୁମାର ରାଉତ ବିଜୟୀ ହୋଇଛନ୍ତି । ସାଂସ୍କୃତିକ ସମ୍ପାଦକ ପଦରେ ସ୍ୱାଧୀନ ପ୍ରାର୍ଥିନୀ ସୁଷମା ଦାସ ବିଜୟୀ ହୋଇଛନ୍ତି । ମୋଟ ପାଂଚଟି ପଦ ମଧ୍ୟରୁ ଏବିଭିପି ତିନୋଟି, ବିସିଜେଡି ଗୋଟିଏ ଏବଂ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ପଦ ହାତେଇଛନ୍ତି ।ସହ ସମ୍ପାଦକ ପଦ ପାଇଁ କେହି ନାମାଙ୍କନ ଦାଖଲ କରିନଥିବା ବେଳେ କ୍ରୀଡ଼ା ସମ୍ପାଦକ ପଦରେ ଅନ୍ୱେଶୁ ଜେନା ଏବଂ ସାଂସ୍କୃତିକ ସହ ସମ୍ପାଦକ ପଦରେ ବିଶ୍ୱଜିତ ପାଣିଗ୍ରାହୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ବିଶ୍ୱବିଦ୍ୟାଳୟର ମୋଟ ୧,୯୬୪ ଜଣ ଭୋଟରଙ୍କ ମଧ୍ୟରୁ ୧,୩୮୩ ଜଣ ମତଦାନ କରିଥିଲେ ।ଂଚଏଫ୍ ?ଏମ୍ ସ୍ୱୟଂଶାସିତ କଲେଜରେ ଏବିଭିପିର ବୃହତ୍ ବିଜୟଂଚବାଲେଶ୍ୱରର ଏଫ୍ ?ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର



ସଂସଦ ନିର୍ବାଚନରେ ଏବିଭିପି ବାଜିମାତ କରିଛି । ସଭାପତି ପଦରେ ଜଗଦୀଶ ଜେନା ବିଜୟୀ ହୋଇଥିବା ବେଳେ ଉଜ୍ୱଳ କୁମାର ଦାସ ସମ୍ପାଦକ, ପ୍ରତୀଶ କୁମାର ପରିଡ଼ା ଉପସଭାପତି ଏବଂ ଭବେଶ କୁମାର ବେହେରା ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି ।ସେହିପରି ଦୀନେଶ କୁମାର ସାହୁ କ୍ରୀଡ଼ା ସମ୍ପାଦକ ଏବଂ ହିମାଂଶୁ ଜେନା ଡିଏସ୍ ?ଏ ସମ୍ପାଦକ ପଦରେ ବିଜୟୀ ହୋଇଛନ୍ତି । ଅନ୍ୟପକ୍ଷରେ, ବିସିଜେଡି ସମର୍ଥିତ କନିଷ୍କ କୁମାର ପ୍ରଧାନ ନାଟ୍ୟ ସମ୍ପାଦକ ପଦ ହାତେଇଛନ୍ତି । ବିଭିନ୍ନ ପଦବିରେ ୧୭ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି ।ଭୋଟ ଗଣତି ପରେ ପ୍ରାୟ ମଧ୍ୟରାତ୍ରିରେ କଲେଜ କର୍ତ୍ତୃପକ୍ଷ ଫଳାଫଳ ଘୋଷଣା କରିଥିଲେ । ଦିନତମାମ ଏବିଭିପି ଓ ବିସିଜେଡି ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖାଦେଇଥିଲା । ଉଭୟ ସଂଗଠନର ନେତାମାନେ କଲେଜ ସମ୍ମୁଖରେ ଉପସ୍ଥିତ ରହି ଫଳାଫଳକୁ ଅପେକ୍ଷା କରିଥିଲେ ।ବିସିଜେଡିର ଆଭ୍ୟନ୍ତରୀଣ ଗୋଷ୍ଠୀ କନ୍ଦଳ ଏବଂ ଦଳର ଅଧିକୃତ ପ୍ରାର୍ଥୀଙ୍କ ବିରୋଧରେ ଅନ୍ୟ ଗୋଷ୍ଠୀର ପ୍ରାର୍ଥୀ ଦେବା ଦଳର ପ୍ରଦର୍ଶନକୁ ପ୍ରଭାବିତ କରିଥିବା ଚର୍ଚ୍ଚା ହେଉଛି । ନିର୍ବାଚନ ପୂର୍ବରୁ ବିଦ୍ରୋହୀ ଗୋଷ୍ଠୀର ତିନି ନେତାଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲେ ମଧ ତାହା ଦଳକୁ ଆଶାନୁରୂପ ସଫଳତା ଦେଇପାରିନଥିବା କୁହାଯାଉଛି ।ଏବିଭିପିର ବିଜୟ ପରେ ସଂଗଠନ ଓ ବିଜେପି ପକ୍ଷରୁ ବିଶାଳ ଶୋଭାଯାତ୍ରା କରାଯାଇଥିଲା । ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତଙ୍କ ସମେତ ବରିଷ୍ଠ ନେତାମାନେ ଏଥିରେ ସାମିଲ ହୋଇଥିଲେ ।ଂଚଔପଦା ଡିଗ୍ରୀ କଲେଜରେ କମଳାକାନ୍ତ ଜେନା ସଭାପତି: ଔପଦା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ କମଳାକାନ୍ତ ଜେନା ସଭାପତି ଭାବେ ବିଜୟୀ ହୋଇଛନ୍ତି । ନିର୍ବାଚନ ପୂର୍ବରୁ ଜୋତା ନ ପିନ୍ଧିବାକୁ ନେଇ ତାଙ୍କ ଘୋଷଣା ଚର୍ଚ୍ଚାରେ ରହିଥିବା ବେଳେ ବିଜୟ ପରେ ସେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ତାଙ୍କ ବିଜୟ ଶୋଭାଯାତ୍ରାରେ ବିଜେଡିର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସାମିଲ ହୋଇଥିଲେ । ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ୧,୪୦୦ ଛାତ୍ରଛାତ୍ରୀଙ୍କ ମତଦାନ:ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ମୋଟ ୧,୭୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ୧,୪୦୦ ଜଣ ମତଦାନ କରିଥିବା ସୂଚନା ମିଳିଛି । ଏହା ନିର୍ବାଚନରେ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ଅଂଶଗ୍ରହଣକୁ ସୂଚାଉଛି । ସିଦ୍ଧେଶ୍ୱର କଲେଜରେ ବିସିଜେଡିର ବାଜିମାତ: ସିଦ୍ଧେଶ୍ୱର ମହାବିଦ୍ୟାଳୟରେ ବିସିଜେଡି ସମର୍ଥିତ ପ୍ରାର୍ଥୀମାନେ ସଫଳତା ହାସଲ କରିଥିବା ଜଣାପଡ଼ିଛି । ବିଜୟ ପରେ ଆୟୋଜିତ ଶୋଭାଯାତ୍ରାରେ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ର ସ୍ଥାନ ପାଇଥିବା ମଧ ଚର୍ଚ୍ଚାର ବିଷୟ ହୋଇଛି ।ଂଚସାରସ୍ୱତ କଲେଜରେ ଫଳାଫଳକୁ ବିରୋଧ:ଅନ୍ୟପକ୍ଷରେ, ସାରସ୍ୱତ ମହାବିଦ୍ୟାଳୟରେ ନିର୍ବାଚନ ଫଳାଫଳକୁ ବିରୋଧ କରି ଏବିଭିପି ପକ୍ଷରୁ ଧାରଣା ଦିଆଯାଇଥିବା ଖବର ମିଳିଛି । ଏହାକୁ ନେଇ ଶିକ୍ଷାନୁଷ୍ଠାନରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଫଳାଫଳକୁ ଦେଖିଲେ ଏବିଭିପି ଓ ବିସିଜେଡି ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ସ୍ପଷ୍ଟ ହୋଇଛି । କେଉଁଠି ଗୋଟିଏ ସଂଗଠନ ବହୁ ପଦ ହାତେଇଛି, ତ ଆଉ କେଉଁଠି ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ନିର୍ବାଚନୀ ଉତ୍ସାହ ସହ କେତେକ ସ୍ଥାନରେ ଫଳାଫଳକୁ ନେଇ ଅସନ୍ତୋଷ ଦେଖାଦେଇଥିବାରୁ ଛାତ୍ର ରାଜନୀତି ଏବେ ଜିଲ୍ଲାର ଶିକ୍ଷାନୁଷ୍ଠାନଗୁଡ଼ିକରେ ଚର୍ଚ୍ଚାର ପ୍ରମୁଖ ବିଷୟ ପାଲଟିଛି ।

# ଚିନ୍ମୟ ମିଶନ ଆନୁକୂଲ୍ୟରେ ଗୀତା ଆବୃତି ପ୍ରତିଯୋଗିତା



ବାଲେଶ୍ୱର,(ନି.ପ୍ର.): ପ୍ରତି ବର୍ଷ ପରି ଚଳିତ ବର୍ଷ ଚିନ୍ମୟ ମିଶନ ବାଲେଶ୍ୱର ଆନୁକୂଲ୍ୟରେ ଗୀତା ଆବୃ□ ପ୍ରତିଯୋଗିତା-୨୦୨୬ କୁରୁଡା ସ୍ଥିତ ମିଶନ ପରିସରରେ ବ୍ରହ୍ମଚାରୀ ଅଗସ୍ତ୍ୟ ଚୈତନ୍ୟ ଜୀଙ୍କ ମାର୍ଗଦର୍ଶନରେ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି । ଏହାକୁ ଡଃ କ୍ଷିତିଶ୍ୱର ଦାଶ ମନ୍ତ୍ର ପାଠ ସହ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ପ୍ରାୟ ୩୦ ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟର ନର୍ସରୀ ଠାରୁ ସ୍ନାତକ ପର୍ଯ୍ୟନ୍ତ ବହୁସଂଖ୍ୟକ ଛାତ୍ର ଓ ଛାତ୍ରୀ ଯୋଗ ଦେଇଥିଲେ । ଏଥରର ବିଷୟବସ୍ତୁ ଶ୍ରୀମଦ୍ ଭଗବତ୍ ଗୀତା ଦ୍ୱାଦଶ ଅଧ୍ୟାୟ (ଭକ୍ତି ଯୋଗ) ଥିଲା । ଅଭିଜ୍ଞ ବିଚାରକ ମଣ୍ଡଳୀ ମଧ୍ୟରେ ଡଃ ଲକ୍ଷ୍ମଣ ଚନ୍ଦ୍ର ବିଶ୍ୱାଳ, ଶ୍ରୀଯୁକ୍ତ ନିର୍ମଳ କୁମାର ପଣ୍ଡା, ଶ୍ରୀଯୁକ୍ତ ଅଶୋକ କୁମାର ପଣ୍ଡା, ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ପତି, ଶ୍ରୀଯୁକ୍ତ ଅଭୟ କୁମାର ପତି ଓ ଶ୍ରୀଯୁକ୍ତ ଶଶିକାନ୍ତ ପରିଡ଼ା ଯୋଗଦାନ କରିଥିଲେ ।

ଡଃ ବେଣୁମାଧବ ଶତପଥୀ, ଶ୍ରୀଯୁକ୍ତ ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ ଓ ଶ୍ରୀଯୁକ୍ତ କେଶବ ଚନ୍ଦ୍ର ପଣ୍ଡା ମ□ ପରିଚାଳନା କରିଥିଲେ । ଶ୍ରୀଯୁକ୍ତ ବିଜୟ କୁମାର ଦାସଅଧିକାରୀ, ଶ୍ରୀଯୁକ୍ତ ମାନସ ରଞ୍ଜନ ମହାଲିକ ଓ ଶ୍ରୀଯୁକ୍ତ ଅଞ୍ଜନ କୁମାର ମିସ୍ତ୍ରୀ ପରିସଂଖ୍ୟାନ କରିଥିଲେ । ଶ୍ରୀମତୀ କମଳିନୀ ସ୍ୱାଇଁ, ପୂର୍ଣ୍ଣେନ୍ଦୁ ଶେଖର ରଥ, ଶ୍ରୀଯୁକ୍ତ ତୃପ୍ତିକାନ୍ତ ଷଡ଼ଙ୍ଗୀ, ଶ୍ରୀମତୀ ଦୀପାଞ୍ଜଳୀ ରଣା, ଶ୍ରୀମତୀ ଗୀତାଞ୍ଜଳି ମହାପାତ୍ର, ପ୍ରଶାନ୍ତ କୁମାର ମହାପାତ୍ର, ଶ୍ରୀମତୀ ବୀଣାପାଣି ଦାସ, ସରୋଜ କୁମାର ସାମଲ, ପ୍ରଦୀପ କୁମାର ସେଠୀ ଓ ସାଥିମାନେ ଶ୍ରମଦାନ କରିଥିଲେ । ପରିଶେଷରେ ସମ୍ପାଦକ ଶ୍ରୀଯୁକ୍ତ ତ୍ରିଲୋଚନ ଦାସ ମହାପାତ୍ର ଚିନ୍ମୟ ମିଶନର ଉଦ୍ଦେଶ୍ୟ ଓ କାର୍ଯ୍ୟ ସଂପର୍କରେ ବିବରଣୀ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।



ଶାରଦୀୟ ପାର୍ବଣ ପୂଜା ପୂର୍ବରୁ ଶୁକ୍ରବାର ଅପରାହ୍ନରେ ବାଲେଶ୍ୱର ପୋଲିସ ପ୍ରଶାସନ ପକ୍ଷରୁ ଦୁର୍ଗାପୂଜାରେ ନିଯୁକ୍ତ ହୋଇଥିବା ୩୫ ପ୍ଲାଟୁନ ପୋଲିସ ଫୋର୍ସକୁ ନେଇ ଏସପି ପ୍ରତ୍ୟୁଷ ଦିୱାକରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜ୍ୟୋତି ଦାସ, ନିରଂଜନ ବେହେରା, ପ୍ରମୋଦ କୁମାର ମଲ୍ଲିକ, ପର୍ଶୁରାମ ସାହୁ, ବିଜୟ ଦାସ, ଗୋପାଳ ଚନ୍ଦ୍ର ଜେନା ପ୍ରମୁଖ ସଦଳବଳେ ସହରର ବିଭିନ୍ନ ସମ୍ବେଦନଶୀଳ ଅଂଚଳରେ ଫ୍ଲାଗମାର୍ଚ୍ଚ ଅବସରରେ ।(ଫଟୋ-ଦେବବ୍ରତ ପାଣିଗ୍ରାହୀ)

# ପୂଜା ପୂର୍ବରୁ ପ୍ରାଣାନ୍ତକ ଆକ୍ରମଣ : ଟେମ୍ପୋ ଗାଏବ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱରରେ ଅଟୋ ଚାଳକଙ୍କୁ ମରଣାନ୍ତକ ଆକ୍ରମଣ ! ପଥରରେ ଛେଚି ଓଭରବ୍ରିଜ୍ ତଳେ ଫିଙ୍ଗିଦେଲେ ଦୁର୍ବୃତ୍ତ । ଗୁରୁତର ଅବସ୍ଥାରେ ଉଦ୍ଧାର ପରେ କଟକ ଏସ୍‌ସିବିକୁ ସ୍ଥାନାନ୍ତର । ଆକ୍ରମଣ ପରେ ଅଟୋ ନେଇ ଫେରାର ହୋଇଯାଇଥିବା ଅଭିଯୋଗ । ଘଟଣାକୁ ନେଇ ବାଲେଶ୍ୱର ଟାଉନ୍ ଥାନା ପୋଲିସର ତଦନ୍ତ ଜାରି । ବାଲିଘାଟ ଓଭରବ୍ରିଜ୍ ତଳେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିଲେ ଅଟୋ ଚାଳକ ! ଅଭିଯୋଗ ଅନୁସାରେ, ହରଦିପାଦା ଅଂଚଳର ରବୀନ୍ଦ୍ର ବାରିକ ଗତ ରାତି ପ୍ରାୟ ୧୦ଟାରେ ଅଟୋ ଭଡ଼ା ନେଇ ବାଲିଘାଟ ଅଂଚଳକୁ ଯାଇଥିଲେ ।





ଫେରିବା ବାଟରେ କିଛି ଦୁର୍ବୃତ୍ତ ତାଙ୍କୁ ଅଟକାଇ ପଥରରେ ଛେଚି ଆକ୍ରମଣ କରିବା ସହ ଓଭରବ୍ରିଜ୍ ତଳେ ଥିବା ଏକ ପଥର ଖୋଲରେ ପକାଇ ଅଟୋ ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି ।ରାତିରେ ରବୀନ୍ଦ୍ରଙ୍କ ସହ ଯୋଗାଯୋଗ ହୋଇନପାରିବାରୁ ପରିବାର ଲୋକ ଚିନ୍ତିତ ଥିଲେ । ସକାଳେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପରିବାର, ଟାଉନ୍ ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ତାଙ୍କୁ ଉଦ୍ଧାର କରିଥିଲେ । ପ୍ରଥମେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଓ ପରେ ଅବସ୍ଥା ଗୁରୁତର ଥିବାରୁ କଟକ ଏସ୍ ?ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପଟେ, ଆକ୍ରମଣର କାରଣ ଓ ଅଭିଯୁକ୍ତଙ୍କ ପରିଚୟ ଜାଣିବା ପାଇଁ ବାଲେଶ୍ୱର ଟାଉନ୍ ଥାନା ପୋଲିସ ତଦନ୍ତ ଜାରି ରଖିଛି ।

# ବରୁଣସିଂ ଶ୍ରୀ ଜଗନ୍ନାଥ ଏଜୁକେସନାଲ୍ ଫାଉଣ୍ଡେସନ ଏବଂ ରେମୁଣା କଲେଜରେ ଛାତ୍ର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କଲେ ରେମୁଣା ବିଧାୟକ

ବାଲେଶ୍ୱର(ନି.ପ୍ର.)ବରୁଣସିଂ ସ୍ଥିତ ଶ୍ରୀ ଜଗନ୍ନାଥ ଏଜୁକେସନାଲ୍ ଫାଉଣ୍ଡେସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ରେମୁଣା କଲେଜରେ ଚୟନିତ ଛାତ୍ର ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ରେମୁଣା ବିଧାୟକ ଛାତ୍ର ପ୍ରତିନିଧିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ନିଷ୍ଠା, ଦାୟିତ୍ୱବୋଧ ଓ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ ।ଛାତ୍ରଛାତ୍ରୀଙ୍କ ସମସ୍ୟା, ଅଧିକାର ଓ ସ୍ୱରକୁ ଉପଯୁକ୍ତ ମଂଚରେ ଉପସ୍ଥାପନ କରିବା ସହ ବିଦ୍ୟାଳୟର ସର୍ବାଙ୍ଗୀଣ ଉନ୍ନତି ଦିଗରେ ଛାତ୍ର ପ୍ରତିନିଧିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବା ଆବଶ୍ୟକ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ । ଶିକ୍ଷାର ଗୁଣବତା ବୃଦ୍ଧି, ଶୃଙ୍ଖଳା ରକ୍ଷା ଓ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଛାତ୍ର ପ୍ରତିନିଧିମାନେ ଗଠନମୂଳକ ପଦକ୍ଷେପ ନେବା ସହ ସମସ୍ତ ଛାତ୍ରଛାତ୍ରୀଙ୍କ ଆଶା ଓ



ଆକାଂକ୍ଷାକୁ ପ୍ରାଥମିକତା ଦେବା ଉଚିତ ବୋଲି ସେ କହିଥିଲେ । ଛାତ୍ରଶକ୍ତି ଦେଶର ଭବିଷ୍ୟତ ହୋଇଥିବା ବେଳେ ଯୁବ ନେତୃତ୍ୱ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାର ମୁଖ୍ୟ ଆଧାର ବୋଲି ବିଧାୟକ ଉଲ୍ଲେଖ କରିଥିଲେ । ନୂତନ ଭାବେ ଚୟନିତ ସମସ୍ତ ଛାତ୍ର ପ୍ରତିନିଧିଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହ ସେମାନଙ୍କ ନେତୃତ୍ୱରେ ଶିକ୍ଷାନୁଷ୍ଠାନ ଉନ୍ନତିର ନୂତନ ଶିଖରରେ ପହଂଚିବ ବୋଲି ଆଶା ପ୍ରକାଶ କରିଥିଲେ ।

## ବେଆଇନ ପଥର ବୋଝେଇ ଡମ୍ଫର ଜବତ

ସୋର(ନିପ୍ର): ବାଗୁଡି ପଥର ଖାଦାନରୁ ବେଆଇନ ପଥର ଚୋରା ଚାଲାଣ ହେଉଥିବା ନେଇ କୌଣସି ସୁତ୍ରରୁ ଖବର ପାଇ ସୋର ତହସିଲଦାର କୃଷ୍ଣ ମୋହନ ସିଂହ ବରଫକଳ ଛକରେ ଅଚାନକ ଚଢ଼ାଉ କରିଥିଲେ । ଏହି ସମୟରେ ବାଗୁଡିରୁ ପଥର ବୋଝେଇ କରି ବାଲେଶ୍ୱର ଅଭିମୁଖେ ଆସୁଥିବା ଓଡି ୦୧ ଏଡି ୧୭୧୭ ନମ୍ବର ବିଶିଷ୍ଟ ଡ଼ମ୍ଫରକୁ ଜବତ କରି ସୋର ପୁଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି ।

## ସହରକୁ ଭାରୀ ଯାନ ଚଳାଚଳ ନିଷେଧ

ଜଳେଶ୍ୱର(ନିପ୍ର): ଅର୍ଥନୈତିକ ପ୍ରମୁଖ ପେଣ୍ଠ ସ୍ଥଳୀ ଜଳେଶ୍ୱର ସହରରେ ପାର୍ବଣ ଭିଡ଼କୁ ଆଖିରେ ରଖି ମ୍ୟୁନିସିପାଲଟି ପକ୍ଷରୁ ଭାରି ଯାନ ଚଳାଚଳ ନିଷେଧ କରାଯାଇଛି । ବିଭିନ୍ନ ସ୍ଥାନରେ ପୂଜା ପେଣ୍ଡେଲ, ତୋରଣ, ଟ୍ରାଫିକ ସମସ୍ୟା ଓ ଜନ ସମାଗମକୁ ଲକ୍ଷ୍ୟ କରି ପୌର ପ୍ରଶାସନ ପକ୍ଷରୁ ସକାଳ ୬ଟାରୁ ୧୧ଟା ଏବଂ ଅପରାହ୍ନ ୩ଟାରୁ ରାତ୍ରୀ ୮ଟା ମଧ୍ୟରେ ଭାରୀ ଯାନ ଚଳପ୍ରଚଳକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଏହି କଟକଣା ବୁଧବାର ଠାରୁ କାଳିପୂଜା ଶେଷ ପର୍ଯ୍ୟନ୍ତ ବଳବତର ରହିବ ବୋଲି ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ସିଂ ସୂଚନା ଦେଇଛନ୍ତି । ଏ ସଂମ୍ପର୍କରେ ପ୍ରଶାସନକୁ ଅବଗତ କରିବା ସହିତ ବସ୍, ଟ୍ରକ୍ ମାଲିକ ସଂଘକୁ ମଧ୍ୟ ଜଣାଇ ଦିଆଯାଇ ଥିବା କୁହାଯାଇଛି । ଏହି ଆଦେଶ ଅମାନ୍ୟ କଲେ ଆଇନ୍ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ଉଲ୍ଲେଖ ରହିଛି ।

## ପୋଖରୀରେ ବୁଡ଼ି ଯୁବକ ମୃତ

ସୋର(ନିପ୍ର): ସୋର ଥାନା ବ୍ରହ୍ମପୁର ଗ୍ରାମ ଚାରିଘରିଆ ସାହିର ଜଣେ ଯୁବକ ଗାଧୋଇବାକୁ ଯାଇ ପୋଖରୀରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ଏହି ଗ୍ରାମର ମହେଶ୍ୱର ସାହୁ(୫୦) ଘର ନିକଟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରିନଥିଲେ । ପରିବାର ଲୋକେ ତାଙ୍କୁ ଘର ନିକଟରେ ଥିବା ପୋଖରୀରୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଂଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ମାରଣାସ୍ତ୍ର ଦେଖାଇ ୧୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଲୁଟ୍

ଧାମନଗର(ନିପ୍ର): ଧାମନଗର ବ୍ଲକ ଅଶୁରାଳୀ ପଂଚାୟତ ର ହଂସପୁର ଗ୍ରାମରେ ଏକ ବଡ଼ଧରଣର ଡକାୟତି ଘଟଣା ଅଂଚଳରେ ଆତଙ୍କ ସୃଷ୍ଟି କରିଛି । ରାତି ପ୍ରାୟ ୧୨ଟା ସମୟରେ ଘରେ ଶୋଇଥିବା ନିରଞ୍ଜନ ନାଥ (୬୨) ଓ ତାଙ୍କ ପତ୍ନୀ ଲିପ୍ସା ନାଥ (୫୨)ଙ୍କୁ ମରଣାସ୍ତ୍ର ଦେଖାଇ ଭୟଭୀତ କରି ୫ରୁ ୬ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ସୁନା ଗହଣା ଓ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ମୁହଁରେ କପଡ଼ା ବାନ୍ଧିଥିବା ୨୦ରୁ ୨୫ ବର୍ଷ ବୟସର ଯୁବକମାନେ ଘରେ ପଶି ପରିବାରକୁ ଭୟଭୀତ କରିଥିଲେ । ଏହାପରେ ଘରେ ଥିବା ସୁନା ଅଳଙ୍କାର ହାର ୫ ଗୋଟି, ମୁଦି ୫ ଗୋଟି, ବ୍ରେସଲେଟ ୧, ମଙ୍ଗଳ ସୂତ୍ର ୧, ସୁନା ଚୁଡ଼ି ୧ ହଳ, କାନଫୁଲ ୩ ହଳ ଓ ନଗଦ ବେଗ ରେ ଥିବା ୪୦ ହଜାର ଟଙ୍କା ଓ ପକେଟ ରେ ଥିବା ୧୦ ହଜାର ଟଙ୍କା ଲୁଟି ଫେରାର ହୋଇଯାଇଥିଲେ । ଲୁଟ୍ ହୋଇଥିବା ସୁନା ଗହଣାର ମୂଲ୍ୟ ୧୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି । ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ଖେଳିଯାଇଛି । ଖବର ପାଇ ଧୂଷୁରୀ ପୁଲିସ ଘଟଣାର ରୁଜୁ ହୋଇଥିବା କେସ୍ ନଂ-୪୫୮/୨୬ ଆଧାରରେ ଡକାୟତିରେ ତଦନ୍ତ ଆରମ୍ଭ କରିଛି । ଡକାୟତିରେ ସମ୍ପୃକ୍ତ ଦୁର୍ବୃତଙ୍କ ପରିଚୟ ଚିହ୍ନଟ କରିବା ସହ ସେମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ପଦକ୍ଷେପ ନିଆଯାଉଛି ।

# ଶିଳ୍ପ ଉଦ୍ୟୋଗୀ ତାଲିମ ଶିବିର ଉଦ୍ଯାପିତ



ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ବାଲିଆପାଳ ବିଶ୍ୱାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତାଲିମ କେନ୍ଦ୍ର ପରିସରରେ ଚାଲିଥିବା ୧୨ ଦିନିଆ ଶିଳ୍ପ ଉଦ୍ୟୋଗୀ ତାଲିମ ଶିବିର ଗୁରୁବାର ଉଦ୍ଯାପିତ ହୋଇଯାଇଛି । ବାଲିଆପାଳ ବ୍ଲକ ଅତିରିକ୍ତ ଶିଳ୍ପ ଅଧିକାରୀ କ୍ଷିତିଶ କୁମାର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ତାଲିମ ଶିବିରରେ ବାଲେଶ୍ୱର ଜିଲ୍ଲା ଶିଳ୍ପ କେନ୍ଦ୍ର ଜିଏମ ସୂର୍ଯ୍ୟ କାନ୍ତ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ତାଲିମ ନେଇଥିବା ଯୁବକ ଯୁବତୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଜିଏମ ଶ୍ରୀ ବେହେରା ନିଜ ବକ୍ତବ୍ୟରେ କହିଥିଲେ ଯେ ଯେଉଁମାନେ ୧୨ଦିନ ଧରି ତାଲିମ ଗ୍ରହଣ କଲେ ଆଗାମୀ ଦିନରେ ସେମାନେ ସମସ୍ତେ ନିଜେ ଜଣେ ଜଣେ ଶିଳ୍ପଦ୍ୟୋଗୀ ଭାବରେ ସମାଜରେ ଠିଆ ହୋଇ ନିଜେ ଆତ୍ମ ନିର୍ଭରଶୀଳ ହେବା ସହିତ କିଛି ଯୁବତୀ ଓ ଯୁବକ ମାନଙ୍କୁ ରୋଜଗାରର ପନ୍ଥା ଯୋଗାଇ ପାରିଲେ ସରକାରଙ୍କ ଏହି ଯୋଜନା ସଫଳ ହେବ ଏବଂ ବେକାରୀ ଦୂରୀକରଣ ନିମନ୍ତେ ସାହାଯ୍ୟ ହେବେ । ଏହି କାର୍ଯ୍ୟକ୍ରମରେ ବିଶ୍ୱାସ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ ଯୋଗଦେଇ ସରକାରଙ୍କ ଏମଏସଏମଇ ଯୋଜନାରେ ନିଜକୁ ବେକାର ବୋଲି ଭାବୁଥିବା ଯୁବକ ଯୁବତୀ ମାନେ ଲାଭ ଉଠାଇବା ପାଇଁ ବିଭିନ୍ନ ପ୍ରକାର ଯୋଜନାର ପ୍ରକଳ୍ପ କରି ବ୍ୟାଙ୍କ ମାନଙ୍କରୁ ଋଣ ନେଇ ଆତ୍ମ ନିର୍ଭର ଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ । ବାଲିଆପାଳ ବ୍ଲକର ବିଶିଷ୍ଟ ସମାଜ ସେବୀ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ । ତାଲିମ ଶିବିରରେ ୧୨ ଦିନରେ ବିଭିନ୍ନ ଦିବସରେ ଯୁବକ ଯୁବତୀ ମାନେ କିପରି ଜଣେ ସଫଳ ଶିଳ୍ପଦ୍ୟୋଗୀ ହୋଇପାରିବେ ସେ ବିଷୟରେ ବିଭିନ୍ନ ପ୍ରକାରର ଟ୍ରେନର ମାନେ ତାଲିମ ପ୍ରଦାନ କରିଥିଲେ ।ଏହି ଶିବିରରେ ବାଲିଆପାଳ, ବସ୍ତା, ଜଳେଶ୍ୱର ଓ ଭୋଗରାଇ ବ୍ଲକରୁ ୩୦ ଜଣ ଯୁବକ ଯୁବତୀ ଏହି ତାଲିମ ଶିବିରରେ ଭାଗ ନେଇଥିଲେ । ଶେଷରେ ସମସ୍ତଙ୍କୁ ଅତିଥିମାନଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

# ନିର୍ବାଚନରେ ଅନିୟମିତତାକୁ ନେଇ ଅଭିଯୋଗ କଲେ ଛାତ୍ରଛାତ୍ରୀ

ଭବାନୀପାଟଣା(ନିପ୍ର): କଳାହାଣ୍ଡି ଜିଲ୍ଲା ରେ ଗତକାଲି ଥୁଆମୂଳ ରାମପୁର ଡିଗ୍ରୀ କଲେଜର ଛାତ୍ର ସଂସଦ ନିର୍ବାଚନର ଫଳାଫଳ ପ୍ରକାଶ ପାଇଥିଲା । ନିର୍ବାଚନ ପାଇଁ ନିର୍ଦ୍ଧାରିତ ସର୍ବନିମ୍ନ ଛାତ୍ରଛାତ୍ରୀଙ୍କ ସଂଖ୍ୟା ପୂରଣ ହୋଇନଥିବାରୁ ଏଠାରେ ନିର୍ବାଚନ ପରିବର୍ତ୍ତେ ଚୟନ ପ୍ରକ୍ରିୟା ମାଧ୍ୟମରେ ଛାତ୍ର ପ୍ରତିନିଧି ଚୟନ କରାଯାଇଥିଲା । ତେବେ ଏହି ଚୟନ ପ୍ରକ୍ରିୟାକୁ ନେଇ କଲେଜର ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ବିଭିନ୍ନ ପ୍ରଶ୍ନ ସୃଷ୍ଟି ହୋଇଛି । ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଚୟନିତ ପ୍ରାର୍ଥୀମାନଙ୍କୁ କେଉଁ ନିୟମାବଳୀ ଆଧାରରେ ଚୟନ କରାଗଲା, ସେ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ଦେଇପାରିନଥିଲେ । ଚୟନ ପ୍ରକ୍ରିୟା ପୂର୍ବରୁ ପ୍ରାର୍ଥୀ ଚୟନର ମାନଦଣ୍ଡ ଓ ନିୟମାବଳୀ ସାର୍ବଜନୀନ କରାଯାଇନଥିବାରୁ ନାମାଙ୍କନ ଦାଖଲ କରିଥିବା ଅନେକ ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ । ଏ ସମ୍ପର୍କରେ ପ୍ରଶ୍ନ କରିବାରୁ ଅଧ୍ୟାପକମାନେ ଉପଯୁକ୍ତ ନିୟମାବଳୀ ଅନୁସରଣ କରାଯାଇଥିବା କହିବା ସହ ପରବର୍ତ୍ତୀ ସମୟରେ ଏ ସମ୍ପର୍କରେ ସୂଚନା ଦିଆଯିବ ବୋଲି କହିଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ, ନିର୍ବାଚନ ସମୟରେ ସର୍ବେଶ୍ୱର ଉଠାଣ ଓ ବିଜେପିର ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ମାଝୀଙ୍କ ସହ ଏକ ନିର୍ଜନ ସ୍ଥାନରେ ଦେଖା ହେବା ଘଟଣାକୁ ନେଇ ମଧ୍ୟ ଛାତ୍ରଛାତ୍ରୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ଏହି ଘଟଣାର ପ୍ରକୃତ ଉଦ୍ଦେଶ୍ୟ ସମ୍ପର୍କରେ ସ୍ୱଷ୍ଟତା ନଥିବାରୁ ଚୟନ ପ୍ରକ୍ରିୟାର ନିରପେକ୍ଷତା ନେଇ ପ୍ରଶ୍ନ ଉଠିଛି । ଏହା ସହିତ, ଚୟନିତ ପ୍ରାର୍ଥୀମାନଙ୍କ ଉପସ୍ଥାନ ଓ ଶିକ୍ଷାଗତ ଯୋଗ୍ୟତାକୁ ନେଇ ମଧ୍ୟ ଛାତ୍ରଛାତ୍ରୀ ଆପତି ଉଠାଇଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ, କେତେକ ଚୟନିତ ପ୍ରାର୍ଥୀ ନିୟମିତ ଭାବେ କ୍ଲାସ୍ ?କୁ ଆସୁନଥିବା ସହ ଆବଶ୍ୟକ ୭୫ ପ୍ରତିଶତ ଉପସ୍ଥାନ ମଧ୍ୟ ନଥିବା କୁହାଯାଉଛି । ଅନ୍ୟ ପ୍ରାର୍ଥୀଙ୍କ ତୁଳନାରେ କମ୍ ଉଏଚଇ ଥିବା ସତ୍ୱେ ସେମାନଙ୍କୁ ଚୟନ କରାଯାଇଥିବା ଅଭିଯୋଗ ମଧ୍ୟ ହୋଇଛି । ଯଦି ଏହି ଅଭିଯୋଗଗୁଡ଼ିକ ସତ୍ୟ, ତେବେ ଚୟନ ପ୍ରକ୍ରିୟାରେ କେଉଁ ମାନଦଣ୍ଡ ଅନୁସରଣ କରାଯାଇଥିଲା, ତାହା ସ୍ପଷ୍ଟ କରିବା ଆବଶ୍ୟକ ବୋଲି ଛାତ୍ରଛାତ୍ରୀ ଦାବି କରିଛନ୍ତି । ଏଥିସହ କେତେକ ଅଧ୍ୟାପକ ନିରପେକ୍ଷ ଭୂମିକା ନିର୍ବାହ ନକରି କେବଳ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ସମର୍ଥନ କରୁଥିବା ଏବଂ ହେଲୋ ପଏଂଟରେ ଛାତ୍ରଛାତ୍ରୀଙ୍କ ସହ ବୈଠକ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣା ଜଣାପଡ଼ିବା ପରେ କିଛି ଛାତ୍ରଛାତ୍ରୀ ସମ୍ପୃକ୍ତ ଅଧ୍ୟାପକ ଓ କଲେଜ ଅଧ୍ୟକ୍ଷଙ୍କ ବିରୋଧରେ 'ହାୟ ହାୟ' ଓ 'ମୁର୍ଦ୍ଦାବାଦ' ନାରା ଦେଇଥିଲେ । ଏହା ସହିତ କିଛି ଛାତ୍ରଛାତ୍ରୀ ଅଧ୍ୟକ୍ଷ ମାସକୁ ମାତ୍ର ଥରେ କ୍ଲାସ୍ ?କୁ ଆସୁଥିବା ଅଭିଯୋଗ ମଧ୍ୟ କରିଛନ୍ତି । ଛାତ୍ରଛାତ୍ରୀଙ୍କ ଦାବି: ଚୟନ ଫଳାଫଳ ବାତିଲ କରି ପୁନଃ ଚୟନ କରାଯାଉ ସମଗ୍ର ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରି ଛାତ୍ରଛାତ୍ରୀମାନେ ପ୍ରକାଶିତ ଚୟନ ଫଳାଫଳକୁ ବାତିଲ କରିବା ସହ ତୁରନ୍ତ ପୁନଃ ଚୟନ ପ୍ରକ୍ରିୟା ଆରମ୍ଭ କରିବାକୁ ଦାବି କରିଛନ୍ତି । ଏଥିସହ ଚୟନ ପ୍ରକ୍ରିୟା ପାଇଁ ଉଦ୍ଦିଷ୍ଟ ନିୟମାବଳୀକୁ ସାର୍ବଜନୀନ କରିବା, ଚୟନ କମିଟିର ସଦସ୍ୟମାନଙ୍କ ନାମ ସର୍ବସାଧାରଣରେ ଘୋଷଣା କରିବା ଏବଂ ସମସ୍ତ ନିୟମ ପାଳନ କରି ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପୁନଃ ଚୟନ କରିବାକୁ ସେମାନେ ଦାବି ଜଣାଇଛନ୍ତି । ଏହି ଦାବିଗୁଡ଼ିକୁ ନେଇ ଛାତ୍ରଛାତ୍ରୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେବାକୁ ମଧ୍ୟ ନିଷ୍ପତି ନେଇଛନ୍ତି । ଛାତ୍ର ସଂସଦ ହେଉଛି ଗଣତାନ୍ତ୍ରିକ ମୂଲ୍ୟବୋଧର ଏକ ମହତ୍ୱପୂର୍ଣ୍ଣ ଅଭ୍ୟାସ । ତେଣୁ ଛାତ୍ର ପ୍ରତିନିଧି ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା, ନିରପେକ୍ଷତା ଓ ନିୟମାବଳୀର ଉପଯୁକ୍ତ ପାଳନ ସୁନିଶ୍ଚିତ କରିବା ସହ ଛାତ୍ରଛାତ୍ରୀଙ୍କ ମନରେ ରହିଥିବା ସନ୍ଦେହ ଦୂର କରିବା କଲେଜ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ।

# ରୋଟାରୀ କ୍ଲବ ଓ ଓକେସିଏଲ୍ର ମିଳିତ ଉଦ୍ୟମରେ ଏଆଇ କ୍ଷମତା ବିକାଶ କାର୍ଯ୍ୟକ୍ରମ

ନୟାଗଡ଼(ନିପ୍ର): ରୋଟାରୀ କ୍ଲବ ନୟାଗଡ଼ ଏବଂ ଓକେସିଏଲ୍ର ମିଳିତ ଉଦ୍ୟମରେ ପିଏମ୍ଶ୍ରୀ ଏନ୍ଏସି ସରକାରୀ ହାଇସ୍କୁଲରେ ଏକ ଏଆଇ (କୃତ୍ରିମ ବୁଦ୍ଧିମତା) କ୍ଷମତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ଖଣ୍ଡା ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିବା ବେଳେ ରୋଟାରୀ କ୍ଲବର ସଭାପତି ବାସୁଦେବ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ରୋଟାରିଆନ୍ ଧୀରେନ୍ଦ୍ର କୁମାର ପଟ୍ଟନାୟକ ଏଆଇର ବ୍ୟବହାର ଓ ଉପଯୋଗିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ । ଏଆଇ କିପରି ସେମାନଙ୍କ ଦକ୍ଷତା ବୃଦ୍ଧି, ପରୀକ୍ଷା ପ୍ରସ୍ତୁତି ଏବଂ ଭବିଷ୍ୟତରେ କ୍ୟାରିୟର ଗଠନରେ ସହାୟକ ହୋଇପାରିବ, ସେ ସମ୍ପର୍କରେ ଏକ ଉପସ୍ଥାପନା ମାଧ୍ୟମରେ ଆଲୋକପାତ କରିଥିଲେ । ଏହି ଅବସରରେ ଓକେସିଏଲ୍ର ସଂଯୋଜକ ଅଜୟକାନ୍ତ ପୃଷ୍ଟି ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ କିପରି ଓକେସିଏଲ୍ ଦ୍ୱାରା ପ୍ରସ୍ତୁତ ଇ-କଂଟେଟକୁ ମାଗଣାରେ ବ୍ୟବହାର କରି ପାଠ ପଢ଼ି ପାରିବେ, ସେ ସମ୍ପର୍କରେ ଏକ ଡେମୋ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ଲକ୍ଷ୍ମୀଧର ସାହୁଙ୍କ ସମେତ ପାଂଚ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସେହିପରି ରୋଟାରୀ କ୍ଲବ ପକ୍ଷରୁ ବରିଷ୍ଠ ରୋଟାରିଆନ୍ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଓ ଶ୍ରୀ ଜି. ରଶ୍ମିରାଜ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ରୋଟାରୀ କ୍ଲବର ସମ୍ପାଦକ ଦିଲ୍ଲୀପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଗତି ପଥେ ପଞ୍ଚାୟତ ସମିତି ଗ୍ରାମୀଣ ଗୃହ ବିଭାଗ, ଖଡିଆଳ

ପବିତ୍ର ଦଶହରା ଉପଲକ୍ଷେ ଶୁଭ ଅବସରରେ ଖଡିଆଳ ପଞ୍ଚାୟତ ସମିତି ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଚଳିତ ବର୍ଷ ପଞ୍ଚାୟତ ସମିତି ର ଗୃହ ବିଭାଗର ବିଭିନ୍ନ ଯୋଜନାର ସଫଳ କାହାଣୀ ଉପସ୍ଥାପନ କରୁଛୁ ।

ଗ୍ରାମୀଣ ଗୃହ ବିଭାଗ ରେ ୨୦୨୧-୨୨ ରୁ ୨୦୨୬-୨୭ ଆର୍ଥିକ ବର୍ଷକରେ PMAY,G ମୋଟ ୧୦୪୪୫ ଜଣ ହିତାଧିକାରୀଙ୍କୁ ଗୃହ ପ୍ରଦାନ କରାଯାଇଛି ଏବଂ ୨୦୨୪-୨୫ ରୁ ୨୦୨୬-୨୭ ଆର୍ଥିକ ବର୍ଷ ମଧ୍ୟରେ AGJ ଅନ୍ତର୍ଭୁକ୍ତରେ ମୋଟ ୪୬୫ ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ପ୍ରଦାନ କରାଯାଇଛି ।

ଆପଣମାନଙ୍କ ସକ୍ରିୟ, ସହଯୋଗ, ଓ ଶୁଭେଚ୍ଛା ବଳରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ଯୋଜନାରେ ସଫଳ ରୂପାୟନ ହୋଇପାରିଛି ଏବଂ ଆଗକୁ ମଧ୍ୟ ସମସ୍ତଙ୍କ ସହଯୋଗରେ ସମସ୍ତ ଯୋଜନାର ସଫଳ ରୂପାୟନ ହୋଇପାରିବ ।

ସ୍ୱା/-
ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ଖଡ଼ିଆଳ, ଜିଲ୍ଲା- ନୂଆପଡ଼ା

No. 1001/184/2627

**OFFICE OF THE REGULATED MARKET COMMITTEE, BHADRAK**
**SALANDI BY-PASS ROAD, BHADRAK, PIN-756100**

Letter No: 602 Date: 12.10.2026

**TENDER CALL NOTICE**

Sealed tender is invited from the intending Firms / Agencies / companies for **engagement of Outsourcing agency for Providing Man Power Service for Sanitation under Regulated Market Committee (RMC), Bhadrak**. The detailed Tender document may be obtained in person from the Office of the RMC Bhadrak, At/Po: Salandi By-pass, Pin:756100 on any working day between 11AM to 4PM from 12.10.2026 to 02.11.2026 including holiday or **Downloadable from website: www.bhadrak.odisha.gov.in From 12.10.2026 to 02.11.2026**. The tender should be reached to this RMC, Bhadrak by Regd. Post in person on or before 02.11.2026 and will be opened on 05.11.2026 at 11 PM at the Office Chamber of the Sub-Collector-cum-Chairman RMC, Bhadrak in presence of tendered or their authorized representative. The intending firms must submit the valid paper like IT return, ISO Certification, fixed by State Govt. and Central Govt. for the purpose of tender along with the paper cost, worth of Rs 5,000.00(rupees five thousand hundred) only including G.S.T (nonrefundable) and E.M.D worth Rs 50,000.00(Rupees fifty thousand) only of any Nationalized bank in shape of Demand Draft in favour of R.M.C Bhadrak drawn on Bhadrak.

The Chairman RMC Bhadrak will have the right to reject all or any of the tender without assigning any reason thereof. The detail information is available in the Office of the RMC, Bhadrak.

By the order of Chairman RMC, Bhadrak

Sd/-
Secretary
R.M.C., Bhadrak

OIPR. 1001/1552/1/26-27/0003

## AFFIDAVIT

By virtue of an affidavit no. 2468 sworn before Executive Magistrate of Soro, Balasore, on dated 18.08.2026. I Lijarani Mohapatra, W/o- Ratnakar Mohapatra, At/ Po- Sabira, Ps- Soro, Dist- Balasore, Odisha, 756045, declare that my name is now Lijarani Mohapatra as per adhaar card but my accademical certificate name is Pankajini Mohapatra, this two name is one person. That now, I want to prove my correct name as Lijarani Mohapatra. Henceforth, I will be known as LIjarani Mohapatra for Postal RPLI Policy no. R-OR-EA-548112.

Sd/-
Lijarani Mohapatra

No. 1001/181/2627

**OFFICE OF THE EXECUTIVE ENGINEER (AGRIL.), MAYURBHANJ, DIVISION, BARIPADA, MAYURBHANJ, PIN- 757003**
Email_id- eeagril.mayurbhanj@gmail.com

**Tender call Notice**
No. __02/2026-27__ dt.___14.10.2026_____

Tender is invited from reputed Travel Agencies/ Tour Operators / private individuals to quote rate for hiring of private electric vehicle for Office of The Executive Engineer (Agril.), Mayurbhanj Division, Baripada, the bidders can submit their bids up to _02.11.2026_ (01:00 PM). The details will be available in the district website ***www.mayurbhanj.nic.in.*** if any corrigendum / addendum arises it will be uploaded in the district website.

Sd/-
Executive Engineer (Agril.),
Mayurbhanj, Baripada

OIPR. 1001/1474/1/26-27/0001

No. 13001/2186/2627

**OFFICE OF THE BARIPADA MUNICIPAL COUNCIL, BARIPADA**
**Phone:-06792-252703, Fax:-06792-252703, Email:- baripadam.hud@nic.in Website- www.baripadamunicipality.in**

**No:** 1550 **Date:** 14.10.2026

**Tender Reference No. BPDM 10 of 2026-27**

**CORRIGENDUM DETAILS**

In partial modification to this Office "e" procurement Tender Reference No. **BPDM 10 of 2026-27**, the required class of contractor has been revised for the work detailed below. This modification is in addition to the conditions stipulated in the original Tender Call Notice:

| Sl. No. | Name of the Work | Original Class of Contractor | Revised Class of Contractor |
|---|---|---|---|
| 1 | Construction of Multi-purpose Community Centre on the back side of Sri Sidhi Vinayak Temple at Forest Colony, **Baripada** | A & Special Class Govt. Contractor | **A Class** Govt. Contractor |

All others Terms and Conditions of the Tender Reference No. **BPDM 10 of 2026-27** "e" procurement Notice No.510 Dt 03.10.2026 will remain unchanged.

Further details may also be seen from the procurement portal i.e. www.tendersorissa.gov.in

Sd/-
Executive Officer,
Baripada Municipality

OIPR. 13001/13078/1/26-27/0014

# ଶାରଦୀୟ ପାର୍ବଣରେ ମା’ ଦୁର୍ଗାଙ୍କ ନବରୂପ



## ସଂସ୍କୃତି ଓ ପରମ୍ପରା

## ନୈବେଦ୍ୟ ଏବଂ କନ୍ୟାପୂଜନ

ମା’ ଦୁର୍ଗାଙ୍କ ନବରାତ୍ରୀ ଅବସରରେ ଘଟସ୍ଥାପନା ଠାରୁ ପୂଜାର୍ଚ୍ଚନା ବିଧିବିଧାନ ପରେ ଅନ୍ୟ ଏକ ପରମ୍ପରା ରହିଛି “ନୈବେଦ୍ୟ” । ନବରାତ୍ରୀର ପ୍ରଥମ ଦିନରେ ଦେବୀ ଶୈଳପୁତ୍ରୀଙ୍କୁ ଶୁଦ୍ଧ ଘିଅରେ ତିଆରି ମିଷ୍ଟାନ୍ନ ଅର୍ପଣ କରାଯାଇଥାଏ । ଦ୍ୱିତୀୟ ଦିନ ବ୍ରହ୍ମଚାରିଣୀଙ୍କ ପଂଚାମୃତ ଅର୍ପଣ କରିବାର ବିଧି ରହିଛି । ତୃତୀୟ ଦିନରେ ମା’ ଚନ୍ଦ୍ରଘଂଟାଙ୍କୁ କ୍ଷୀରରେ ତିଆରି ମିଠା ଅର୍ପଣ କରାଯାଏ । ଚତୁର୍ଥ ଦିନରେ



ମା’ କୁଷ୍ମାଣ୍ଡାଙ୍କୁ ମାଲପୁଆ ଅର୍ପଣ କରିବାର ପରମ୍ପରା ରହିଛି । ସେହିପରି ପଂଚମ ଦିନରେ ମା’ ସ୍କନ୍ଧମାତାଙ୍କୁ କଦଳୀ ଅର୍ପଣ କରାଯାଉଥିବା ବେଳେ ଷଷ୍ଠ ଦିନରେ ମା’ କାତ୍ୟାୟନୀଙ୍କୁ ମହୁ ଅର୍ପଣ କରାଯାଇଥାଏ । ସପ୍ତମୀରେ ମା’ କାଳରାତ୍ରୀଙ୍କୁ ଗୁଡ଼ ଅର୍ପଣ କରିବାର ବିଧି ରହିଛି । ଏହାଦ୍ୱାରା ଦୁଷ୍ଟଶକ୍ତି ବିରୋଧରେ ସୁରକ୍ଷା ମିଳିବା ସହ ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ । ଅଷ୍ଟମୀରେ ମା’ ଗୌରୀଙ୍କୁ ନଡ଼ିଆ କିମ୍ବା ନଡିଆ ଆଧାରିତ ମିଠା ଅର୍ପଣ କରାଯାଏ । ସେହିପରି ଶେଷ ଦିନ ଅର୍ଥାତ୍ ନବମୀରେ କା’ ସିଦ୍ଧିଦାତ୍ରୀଙ୍କୁ ହାଲୁଆ, ପୁରୀ, ଚଣା ପ୍ରଭୃତି ଅର୍ପଣ କରାଯାଏ । ବିଶ୍ୱାସ ଅଛି ଏହାଦ୍ୱାରା ଦୁର୍ଘଟଣାରୁ ଦେବୀ ସମସ୍ତଙ୍କୁ ରକ୍ଷା କରିଥାଆନ୍ତି । ଏତଦ୍‌ଭିନ୍ନ ନବମୀ ଦିନ ସିଦ୍ଧିଦାତ୍ରୀଙ୍କ ପୂଜା ପରେ



କନ୍ୟା ପୂଜନ କରିବାର ପରମ୍ପରା ରହିଛି । ଛୋଟ ନଅ ଜଣ ଝିଅଙ୍କୁ ନବଦୁର୍ଗାଙ୍କ ପ୍ରତୀକ ରୂପେ ବିବେଚନା କରାଯାଇ ବ୍ରତୀମାନେ ସେମାନଙ୍କୁ ଶୃଙ୍ଗାର ସହ ନୈବେଦ୍ୟ ସ୍ୱରୂପ ସୁସ୍ୱାଦ ଖାଦ୍ୟ ଦେଇଥାଆନ୍ତି । ନଅଜଣ କନ୍ୟାଙ୍କ ସହ ଜଣେ ପୁଅ ଛୁଆକୁ ଭୈରବ ରୂପେ ପୂଜା କରାଯାଇଥାଏ । କନ୍ୟାପୂଜନ ସରିବା ପରେ ସେମାନଙ୍କୁ ଶୃଙ୍ଗାର, ଦକ୍ଷିଣା ଦିଆଯାଇ ମୁଣ୍ଡିଆମାରି ସେମାନଙ୍କ ପାଖରୁ ଆର୍ଶିବାଦ ନିଆଯାଇଥାଏ ।

## ଥରେ ମା’ ବିଚାର କର

◆ ବାଣୀପୁତ୍ର ନିତ୍ୟାନନ୍ଦ ପାଣିଗ୍ରାହୀ

ତୁ ଥାଉଁ ଯଦି ମା’ ବଢ଼େ ଅନ୍ୟାୟ ଅନୀତି
କି ଲାଭ ଥାଇ କହ ତୋହର ସେ ଯଶଖ୍ୟାତି
କହିଲେ ନ ସରେ ମାଆ ଲହୁଲୁହର କାହାଣୀ
ଦୁନିଆ ଦାଣ୍ଡେ ଯା ଘଟେ କାହାକୁ କହି ହବନି
ଆଖିଲୁହ ସରିଯାଏ କାନ୍ଦିକାନ୍ଦି ଦିନରାତି
ଯା ମନକୁ ଯାହା ଆସେ ନିର୍ଦ୍ୱନ୍ଦରେ କରିଯାଏ
ବିଚରେ ନି ଠିକ୍ ଭୁଲ ନ୍ୟାୟ କି ଅନ୍ୟାୟ ହୁଏ
ଧାଇଁ ବୁଲେ ଅବାଟରେ ପାପାସକ୍ତ କରିମତି
ମୁନାଫାଖୋରୀ ଶାସନ ଅବିରତ ଅବିଚାର
ଦୁଷ୍କର୍ମ ହତ୍ୟା ଲୁଣ୍ଠନ ଦିନୁ ଦିନ ବଢ଼େ ଘୋର
ପ୍ରବଂଚନା ପ୍ରତାରଣା ଅପକର୍ମ ଘଟେ ନିତି
ଦୁର୍ଗେ ଦୁର୍ଗତି ନାଶିନୀ ଦଶଭୁଜା ନାମ ତୋର
ହସ୍ତରେ ମା’ ହତିଆର ଏ ସବୁ ବିନାଶ କର
ହସିଉଠୁ ଧରାପୃଷ୍ଠ ବିରାଜୁ ମା’ ସତ୍ୟଶାନ୍ତି ।।

ଈଶ୍ୱରପୁର, ସୋର -ମୋ :୮୨୮୦୨୮୯୮୫୦

ନବରାତ୍ରୀ ହିନ୍ଦୁମାନଙ୍କର ଏକ ପବିତ୍ର ପର୍ବ । ଶାରଦୀୟ ପାର୍ବଣ ଅବସରରେ ମାଆ ଦୁର୍ଗାଙ୍କୁ ନବଦୁର୍ଗାଙ୍କ ନଅଟି ରୂପ ଏବଂ ପ୍ରକାଶନ । ଏହି ନବରାତ୍ରୀ ଅବସରରେ ମାଆ ଦୁର୍ଗାଙ୍କ ପୂଜା ପାଳନ କରାଯାଏ ଯାହାକୁ କି ଆମେ ବଡ଼ପୂଜା ବୋଲି କହିଥାଉ । ଶାରଦୀୟ ନବରାତ୍ରୀର ମହାସପ୍ତମୀ, ମହାଅଷ୍ଟମୀ ଏବଂ ମହାନବମୀକୁ ଆମେ ବିଶେଷ ଭାବେ ଗୁରୁତ୍ୱ ଦେଉଥିବା ବେଳେ ଦଶହରାକୁ ମଧ “ବିଜୟାଦଶମୀ” ଭାବେ ପାଳନ କରିଥାଉ । ଏହି ଦୁର୍ଗାପୂଜା ଅବସରରେ ସାଧାରଣତଃ ଅଷ୍ଟମୀ ଏବଂ ନବମୀ ତିଥିରେ ବିଶେଷ ଭାବେ ସନ୍ଧିପୂଜା କରାଯାଇଥାଏ । ଏହା ଏକ ଆଧାତ୍ମିକ ଏବଂ ଧାର୍ମିକ ଭାବେ ଶକ୍ତିଶାଳୀ ସମୟ । ଯାହାକୁ କି ଆମେ ସନ୍ଧିକ୍ଷଣ ବୋଲି କହିଥାଉ । ସନ୍ଧି ଶବ୍ଦର ଅର୍ଥ ହେଉଛି ପରିବର୍ତ୍ତନର ମୁହୂର୍ତ୍ତ । ଯେତେବେଳେ ଭକ୍ତମାନେ ଦେବୀ ଦୁର୍ଗାଙ୍କ ଉଗ୍ରରୂପକୁ ପୂଜାକରିବା ପାଇଁ ଏକ ବିଶେଷ ରୀତି ପାଳନ କରନ୍ତି । ପୌରାଣିକ ତଥ୍ୟ ଅନୁସାରେ ଏହି ସମୟରେ ମାଆ ଦୁର୍ଗା ମହିଷାସୁରକୁ ବଧ କରିଥିଲେ । ସନ୍ଧି ସମୟରେ ୧୦୮ ଦୀପ ଜଳାଇବା ତା’ ସହିତ ପାଣିକଖାରୁ ବଳି ଦେବାର ପରମ୍ପରା ରହିଛି ଯାହାକି ସର୍ବପୁରାତନ । ହିନ୍ଦୁଶାସ୍ତ୍ର ଏବଂ ପୁରାଣ ଅନୁସାରେ ସନ୍ଧିକାଳ ସମୟରେ କରାଯାଉଥିବା ପୂଜା, ଜପ, ଏବଂ ଆରାଧନା ମାଧ୍ୟମରେ ମାଆ ଦୁର୍ଗାଙ୍କ ଆର୍ଶିବାଦ ଆସିଥାଏ ବୋଲି ବିଶ୍ୱାସ ରହିଛି ।

ପ୍ରସ୍ତୁତି : ସ୍ମିତାରାଣୀ ଦାସ

## ଆବାହନ



ଘଟସ୍ଥାପନ କରାଯାଇ ନବମାତୃକାଙ୍କୁ ଆବାହନ କରାଯିବାର ପରମ୍ପରା ରହିଛି । ଶାସ୍ତ୍ରରେ ଘଟ ବା କଳସକୁ ଗଣେଶଙ୍କ ପ୍ରତୀକ ଭାବେ ବିବେଚନା କରାଯାଏ ଏବଂ ସମସ୍ତ ଦେବତାଙ୍କୁ ଆବାହନ କରାଯାଏ । ଯଦ୍ୱାରା କି ଯେଉଁ ପୂଜା କରାଯାଏ ତାହା ବିନା ବାଧାରେ ସମାପ୍ତ ହୋଇଥାଏ । ନବରାତ୍ରୀରେ ଘଟସ୍ଥାପନ କରାଯିବା ବେଳେ ମାଟି, ଯବ ଏବଂ କଳସକୁ ସିନ୍ଦୁର, ଚନ୍ଦନ, ଆମ୍ବଡାଳ, ପଇଡ଼, ଫୁଲ ସଂପୂର୍ଣ୍ଣ ବିଧିବିଧାନରେ ଘଟକୁ ବସାଯାଇଥାଏ । ପ୍ରସ୍ତୁତ ଏକ ମାଟି କିମ୍ବା ଧାତୁ ପାତ୍ର ରଖାଯାଏ । ପାତ୍ରକୁ ଶୁଦ୍ଧ ପାଣିରେ ପୂର୍ଣ୍ଣ କରାଯାଏ ଏବଂ ସେଥିରେ ଏକମୁଦ୍ରା ରଖାଯାଏ । ପାତ୍ରରେ ଥିବା ପାଣିକୁ ପୁରୋହିତ ମନ୍ତ୍ରସିଦ୍ଧ କରି ସପ୍ତନଦୀକୁ ଆବାହନ କରି ସେଇ ନଦୀର ପାଣିକୁ ମନେ ମନେ ସ୍ମରଣ କରି କଳସରେ ପୂର୍ଣ୍ଣ କରାଯାଇଥାଏ ବୋଲି ଶାସ୍ତ୍ରରେ ବିଧାନ ରହିଛି ଏବଂ ପ୍ରଥମତଃ ବରୁଣ ଦେବଙ୍କୁ ଆବାହନ କରାଯାଏ । ବ୍ରାହ୍ମଣ ଜଳର ପବିତ୍ରତା ପାଇଁ ଯେଉଁ ମନ୍ତ୍ର ପାଠ କରିଥାଆନ୍ତି ତାହା ହେଲା :

*“ ଗଙ୍ଗେ ଚ ଯମୁନେ ଚୈବ, ଗୋଦାବାରୀ ସରସ୍ୱତୀ , ନର୍ମଦା ସିନ୍ଧୁ କାବେରୀ, ଜଳେସ୍ମିନ୍ ସନ୍ନିଧମ୍ କୁରୁ ।”*



**ଶୈଳପୁତ୍ରୀ :** ହିମାଳୟର କନ୍ୟା ଏବଂ ଶକ୍ତି ଓ ପ୍ରକୃତିର ପ୍ରତୀକ ।



**ବ୍ରହ୍ମଚାରିଣୀ :** ଏହି ତପସ୍ୱୀ ରୂପ ଭକ୍ତି, ତପସ୍ୟା ଓ ଆଧାତ୍ମିକ ଜ୍ଞାନକୁ ପ୍ରତିନିଧିତ୍ୱ କରେ ।



**ଚନ୍ଦ୍ରଘଂଟା :** ଏକ ଅର୍ଦ୍ଧଚନ୍ଦ୍ରରେ ସଜ୍ଜିତ ଯୋଦ୍ଧା ଦେବୀ, ଯିଏ ସାହସ ଓ ସୌନ୍ଦର୍ଯ୍ୟ ବିକିରଣ କରନ୍ତି ।



**କୁଷ୍ମାଣ୍ଡା :** ବ୍ରହ୍ମାଣ୍ଡକୁ ଆଲୋକ ଓ ସମୃଦ୍ଧି ଆଣିଥିବା ବ୍ରହ୍ମାଣ୍ଡ ସୃଷ୍ଟିକର୍ତ୍ତା ।



**ସ୍କନ୍ଦମାତା :** ସ୍କନ୍ଦ (କାର୍ତିକେୟ)ଙ୍କ ମାତା, ଯିଏ ମାତୃତ୍ୱ ପ୍ରେମର ମୂର୍ତିମନ୍ତ ପ୍ରତୀକ ଅଟନ୍ତି ।

## ନବରୂପର ତାତ୍ପର୍ଯ୍ୟ



**କାତ୍ୟାୟନୀ :** ଦୁଷ୍ଟତାକୁ ବିନାଶ କରିବା ପାଇଁ ଜନ୍ମିତ ଭୟଙ୍କର ଯୋଦ୍ଧା ଦେବୀ ।



**କାଳରାତ୍ରୀ :** ଭୟ ଅନ୍ଧକାର ଏବଂ ନକାରାତ୍ମକତାକୁ ଦୂର କରୁଥିବା ଅନ୍ଧକାର ଏବଂ ଶକ୍ତିଶାଳୀ ରୂପ ।



**ମହାଗୌରୀ :** ଉଜ୍ଜ୍ୱଳ ଓ ଶାନ୍ତ ରୂପ ଯାହା ପବିତ୍ରତା ଏବଂ ମାନସିକ ସ୍ୱଷ୍ଟତାକୁ ପ୍ରତିନିଧିତ୍ୱ କରେ ।



**ସିଦ୍ଧିଦାତ୍ରୀ :** ସର୍ବୋଚ୍ଚ ରୂପ ଯାହା ଅଲୌକିକ ଶକ୍ତି ଓ ଜ୍ଞାନ ପ୍ରଦାନ କରେ ।

## ନାରୀଜାତିର ପ୍ରତିକାତ୍ମକ ପୂଜା : ଦୁର୍ଗାପୂଜା

‘ମା’- ଶବ୍ଦରେ ଭରିରହିଛି ଅମୃତର ଉଚ୍ଛ୍ୱାସ । ଯୁଗ ଯୁଗ ଧରି ସ୍ମରଣ କରିଛନ୍ତି ଦେବତା, ଦାନବ ଆଉ ମାନବ । ମା’ ବାରମ୍ବାର ଆବିର୍ଭୂତା ହୁଅନ୍ତି ସନ୍ତାନର ଅକୁଳ ପ୍ରାର୍ଥନାରେ । ମା’ର ଇଛା ସଦା ପୂର୍ଣ୍ଣହୁଏ । ସେ ଶକ୍ତିସ୍ୱରୂପିଣୀ । ପ୍ରତିଟି ଅଣୁ ପରମାଣୁ, ଜଡ଼ ଚେତନରେ ସେ ଶକ୍ତି ରୂପେ ବିରାଜିତା । ଏ ଶରୀର ମଧ ଶକ୍ତି ବିନା ଜଡ଼ । ଶକ୍ତିକୁ ବାଦ ଦେଲେ ଜୀବ ଶବରେ ପରିଣତ ହୁଏ । ଶକ୍ତି, ଜଡ଼ରେ ଚୈତନ୍ୟସ□। ଆଣେ । ଦେବତାମାନଙ୍କ ତେଜରୁ ସୃଷ୍ଟ ଦେବୀ ତେଜସ୍ୱିନୀ ହୋଇ ଉଠିଲେ । ଗୋଟି ଗୋଟି କରି ରାକ୍ଷସ ମାନଙ୍କ ସହ ତାଙ୍କ ସୈନ୍ୟସାମନ୍ତଙ୍କୁ ବିନାଶ କରିବାରେ ଲାଗିଲେ । କ୍ରମାନ୍ୱୟରେ ମହିଷାସୁର, ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତବୀର୍ଯ୍ୟ, ନିଶୁମ୍ଭ ଓ ଶୁମ୍ଭଆଦି ରାକ୍ଷସମାନଙ୍କୁ ବଧ କରି ଶାନ୍ତି ପ୍ରତିଷ୍ଠା କରିବାରେ ମା’ଙ୍କ ଭୂମିକା ଅତୁଳନୀୟ । ଚଣ୍ଡ-ମୁଣ୍ଡ ଥିଲେ ମହିଷାସୁରର ଚର । ଚଣ୍ଡ-ମୁଣ୍ଡ ଦେବୀ ଦୁର୍ଗାଙ୍କୁ ସୁନ୍ଦରୀ ନାରୀରୂପରେ ଦର୍ଶନ କରି ମହିଷାସୁରକୁ ସମ୍ବାଦ ଦେଇଥିଲେ ଯେ ଏପରି ସୁନ୍ଦରୀ ନାରୀ ହିଁ ଆପଣଙ୍କ ଭୋଗ୍ୟା ହେବା ଉଚିତ୍ । ନାରୀର ରୂପବର୍ଣ୍ଣନା ଶୁଣି ମହିଷାସୁର ଚଣ୍ଡ-ମୁଣ୍ଡଙ୍କୁ ପୁନର୍ବାର ପ୍ରେରଣକଲା ସୁନ୍ଦରୀକୁ ଡକାଇ ଆଣିବା ପାଇଁ । ହେଲେ ନାରୀର ଥିଲା ଅଦ୍ଭୁତ ସର୍ତ୍ତ । ‘ଯୋ ମାଂ ଜୟତି ସଂଗ୍ରାମେ ଯୋମେ ଦର୍ପଂ ବ୍ୟପୋହତି । ଯୋ ମେ ପ୍ରତିବଳୋ ଲୋକେ ସମେ ଭର୍ତା ଭବିଷ୍ୟତି ।।’ ଅର୍ଥାତ୍ ଯେ ମୋତେ ସଂଗ୍ରାମରେ ଜୟକରି, ମୋର ଦର୍ପକୁ ବିନାଶ କରିବ ଏବଂ ମୋ ସହିତ ଯାହାର ବଳ ସମକକ୍ଷ ହେବ ସେ ହିଁ ମୋତେ ବିବାହ କରିବ । ଏଭଳି ସର୍ତଶୁଣି ମହିଷାସୁର ପରିହାସ କରିଥିଲା । ଚଣ୍ଡ-ମୁଣ୍ଡଙ୍କ ଜରିଆରେ ଭୋଗକରିବାକୁ ସ୍ୱପ୍ନଦେଖିବା ବେଳେ ସେମାନଙ୍କର ଧ୍ୱଂସ ହୋଇଯାଇଥିଲା । ପରେ ପରେ ପ୍ରେରଣକଲା ରକ୍ତବୀଜକୁ । ଯାହାର ରକ୍ତ ବୀର୍ଯ୍ୟପରି କ୍ରିୟାଶୀଳ । ଭୂଭାଗରେ ବୁନ୍ଦାଏ ରକ୍ତ ପଡ଼ିଲେ ଅପରୂପ ଭାବରେ ଅସୁରଟିଏ ସୃଷ୍ଟିହୋଇଯାଉଥିଲା । ଦେବୀ ତାକୁ ମଧ ବିନାଶ କଲେ । ଶେଷରେ ମହିଷାସୁରକୁ ମଧ ବିନାଶକଲେ । ଦେବତାମାନେ ପ୍ରାର୍ଥନାରେ ଦେବୀଙ୍କୁ ଅନେକ ଭାବରେ ପ୍ରାପ୍ତିହେବାର ବର୍ଣ୍ଣନା ମଧରେ ଏକ ସମ୍ପ୍ରତି ସମାଜୋପଯୋଗୀ ସନ୍ଦେଶଟିଏ ଦେଇଯାଇଥିଲେ । ‘ବିଦ୍ୟା ସମସ୍ତାସ୍ତବ ଦେବି ଭେଦାଃ ସ୍ତ୍ରୀୟଃ ସମସ୍ତଃ ସକଳା ଜଗତ୍‌ସୁ...’ ଅର୍ଥାତ୍ ପ୍ରତିଟି ନାରୀ ହେଉଛନ୍ତି ଦେବୀଙ୍କର ନାନାରୂପ । ନାରୀ ଜାତିର ମହନୀୟତା ହିଁ ଏଥିରେ ପ୍ରତିପାଦିତ ହୁଏ । ନାରୀର ଗୁଣାବଳୀକୁ ବର୍ଣ୍ଣନା କରିବାକୁ ଯାଇ ଭଗବାନ କୃଷ୍ଣ ଶ୍ରୀମଦ୍‌ଭଗବଦ୍‌ଗୀତାର ବିଭୁତିଯୋଗରେ କହିଛନ୍ତି- ‘କୀର୍ତି ଶ୍ରୀବାକ୍‌ଚନାରୀଣାମ୍ ସ୍ମୃତିମେଧା ଧୃତିକ୍ଷମା ଅର୍ଥାତ୍ ନ୍ତନାରୀମାନଙ୍କ ମଧରେ ମୁଁ କୀର୍ତ୍ତି, ସୌନ୍ଦର୍ଯ୍ୟ, ବଚନ, ସ୍ମୃତି, ବୁଦ୍ଧି, ଧୈର୍ଯ୍ୟ ଓ କ୍ଷମା’ ଭଳି ଗୁଣାବଳିର



ସମାହାର । ନାରୀ ଭିତରେ ଅନ୍ତଃସଲିଳା ହୋଇ ଦୟା, ମମତା, କରୁଣା, ସମ୍ବେଦନତା ଆଦି ଭରିରହିଛି । ଆଜି ଭୋଗବାଦର ଚରମସୀମାକୁ ସ୍ପର୍ଶକରିଥିବା ସଂସାରରେ ଦେହ ସର୍ବସ୍ୱ ହୋଇ ଆମେ ନାରୀକୁ ପଣ୍ୟ ଦ୍ରବ୍ୟ ରୂପେ ବ୍ୟବହାର କରିବାର ମାନସିକତା ରଖିଲୁଣି । ଯାହାର ପ୍ରମାଣ ଦେଉଛି ନାରୀମାନଙ୍କ ଦ୍ୱାରା ପ୍ରଚାରିତ ବିଜ୍ଞାପନ ଓ ଆଲବମ୍ ସଂଗୀତ । ଏତଦ୍ୱାରା ନାରୀତ୍ୱର ଅବମାନନା ହେବାସହିତ ଅଧୋଗତି ହେଉଛି ହେଉଛି ସିନା ଉନ୍ନତିର ପ୍ରଶ୍ନ ଉଠୁନାହିଁ । ସମ୍ପ୍ରତି ନାରୀଙ୍କ ଦାୟିତ୍ୱର ପରିସୀମା ବିସ୍ତୃତ ହୋଇଛି । ସେ ଆଉ ଘରର ଚାରିକାନ୍ଥରେ ଆବଦ୍ଧ ନାହିଁ । ତା’ର ଅବଗୁଣ୍ଠିତା ରୂପରେ ବାନ୍ଧିହୋଇ ରହିବାକୁ ସେ ଚାହିଁନାହିଁ; ଚାହିଁଛି ତା’ର ଅସୀମ ସ୍ୱପ୍ନକୁ ବାସ୍ତବ ରୂପ ଦେବାପାଇଁ । ସ୍ୱାଧୀନ ଭାରତରେ ନାରୀ ଶିକ୍ଷା, ସ୍ୱାସ୍ଥ୍ୟ, ବୈଷୟିକ ବିଜ୍ଞାନ, କୃଷି, ସେନାବାହିନୀ, ଆଦି କ୍ଷେତ୍ରରେ ନିଜର ସ୍ଥିତିକୁ ଜାହିର କରିପାରିଛି । ନାରୀମାନେ ଯେତେ ଉଚ୍ଚଶିକ୍ଷିତା, ଜ୍ଞାନୀ, ଧନୀ, କର୍ମକୁଶଳୀ, କଷ୍ଟସହିଷ୍ଣୁ ହେଲେ ମଧ ସେମାନଙ୍କ ପ୍ରତି ପୁରୁଷମାନଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ ହେଉ ନାହିଁ । ନାରୀର ସମସ୍ତ ଗୁଣ ଆଧୁନିକତାର ଅଧୋଗତି ରାସ୍ତାରେ ମିଳାଇ ଚାଲିଛି । ସବୁଠି ଅପ ସଂସ୍କୃତିର କରାଳକାୟା ବିସ୍ତାର କରିଛି । ଅନେକ ସ୍ଥାନରେ ନାରୀର ବେଶଭୂଷା, ଆଚାର ବ୍ୟବହାରରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି । ମନେହୁଏ ପୁରୁଷ ସମାଜର ମନୋରଂଜନ ସାମଗ୍ରୀ ହେଉଛି ନାରୀ । ନାରୀ ଜୀବନର ଶ୍ରେଷ୍ଠ ସମ୍ପଦ ଅର୍ପିତ ହୋଇଯାଏ ଅର୍ଥ ଓ ପ୍ରଲୋଭନ ନିକଟରେ । ସତେ କ’ଣ ଏହି ବିଭତ୍ସ ପରମ୍ପରାକୁ ଆମେ ରୋକି ପାରିବା ନାହିଁ ! ଅର୍ଥଲାଳସାରେ କବଳିତ ହୋଇ ନାରୀତ୍ୱକୁ କଳଙ୍କିତ କରିବସିଲେ ଫଳ କ’ଣ ହେବ !! ପୁରାଣ ଓ ଇତିହାସରୁ ନାରୀମାନଙ୍କ ପ୍ରତି ଥିବା ଭକ୍ତି, ଶ୍ରଦ୍ଧା, ମମତା ଓ ସମ୍ମାନକୁ ଭୁଲିଗଲେ ନାରୀର ନିଜତ୍ୱ ରହିବ ତ !!! ବହୁ ନାରୀ ଆମ ସମାଜ ପାଇଁ ଉଦାହରଣ ପାଲଟିଥିବା ବଳେ ଆଉ କେତେକ ବିଜ୍ଞାପିତ ହୋଇ ନାରୀ ସମାଜ ପାଇଁ କଳଙ୍କର ଦାଗ ବହିଛନ୍ତି । ସେଦିନର ଗାର୍ଗୀ, ମୈତ୍ରେୟୀ, ଲକ୍ଷ୍ମୀବାଈଙ୍କ ଭଳି ମହିଳା ଏବେ ମଧ ଅଛନ୍ତି ଦେଶ ଶାସନରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଆଦି ପଦବୀ ମଣ୍ଡନ କରି ଅତି ଦକ୍ଷତାର ସହ ସେମାନଙ୍କର ପରାକାଷ୍ଠା ପ୍ରଦର୍ଶନ କରିବା ପୂର୍ବକ ସର୍ବୋଚ୍ଚ ଆସନ ଅଳଙ୍କୃତ କରିବାର ଗୌରବ ଅର୍ଜନ କରିଛନ୍ତି । କିନ୍ତୁ କିଛି ମହିଳାଙ୍କ ଆଚରଣ ଓ ବ୍ୟବହାରରେ ବ୍ୟବସାୟିକ ମନୋବୃତି ତଥା ପାଶ୍ଚାତ୍ୟ ସଂସ୍କୃତିର ଛଟା ପରିଲକ୍ଷିତ ହୁଏ । ଶେଷରେ ଏତିକି କୁହାଯାଇ ପାରେ ପୌରାଣିକ ଯୁଗରେ ମହିଷାସୁର ଓ ତା’ର ଚରମାନଙ୍କ ଦୃଷ୍ଟିନେଇ ନାରୀଙ୍କୁ ନଦେଖି, ଦେବତା ମାନଙ୍କ ଅମୃତ ମୟ ଦୃଷ୍ଟିରେ ଦେଖିଲେ ସେମାନେ ଆପେ ଆପେ ମାତୃରୂପରେ ବିଦ୍ୟମାନ ହେବେ । ସାର୍ଥକ ହେବ ନାରୀଜାତିର ପ୍ରତିକାତ୍ମକ ପୂଜା ଦୁର୍ଗାପୂଜାର ଉଦ୍ଦେଶ୍ୟ ।

✹ ✹ ✹



## ଦୁର୍ବୃତଙ୍କ ଟେକା ମାଡ଼ରେ ବସ କାଚ ଭାଙ୍ଗିଲା

ନୀଳଗିରି(ନିପ୍ର): ଭୁବନେଶ୍ୱରରୁ ବାଲେଶ୍ୱର ଭାୟା ମିତ୍ରପୁର-ଅଯୋଧ୍ୟା ମୁଖେ ଓଡ଼ି ୦୧ୟୁ ୭୮୮୮ ନମ୍ବର ବିଶିଷ୍ଟ ବନଦୁର୍ଗା ଯାତ୍ରୀ ବାହୀ ବସ ଯାତ୍ରା କରୁଥିବା ସମୟରେ ଗତକାଲି ମିତ୍ରପୁର ସ୍ଥିତ ସିନ୍ଦୁରଗୌରା ଠାକୁରାଣୀ ପାଖରେ ରାତି ୭,୫୦ମିନିଟ ସମୟରେ ପହଂଚି ଛିଡ଼ା ହୋଇଥିବା ବେଳେ ହଠାତ ଜଣେ ଅଚିହ୍ନା ଯୁବକ ବସ ସାମ୍ନା କାଚକୁ ପଥର ଫୋପାଡ଼ି ଫେରାର ହୋଇ ଯାଇଥିଲା । ପଥର ବାଜିବାରୁ କାଚ ଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା । ଖବର ପାଇ ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରୁଥିବା ଜଣା ପଡ଼ିଛି । ଏନେଇ ବସ ମ୍ୟାନେଜର ରଞ୍ଜିତ ବାରିକ ନୀଳଗିରିଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି ।

## ବାଜି ମାରିଲା ବିସିଜେଡି ଏବଂ ସ୍ୱାଧୀନ ପ୍ରାର୍ଥୀ, ଏମଏସସିବି ବିଶ୍ୱ ବିଦ୍ୟାଳୟ ସମ୍ପାଦକ ପଦରେ ଏବିଭିପି

ବାରିପଦା(ନିପ୍ର): ଦୀର୍ଘ ବର୍ଷର ବ୍ୟବଧାନ ପରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଆଜି ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟାରେ ଫଳା ଫଳ ପ୍ରକାଶ ପାଇଛି. ଜିଲ୍ଲାରେ ବିଶ୍ୱ ବିଦ୍ୟାଳୟକୁ ମିଶାଇ ମୋଟ ୨୩ଟି କଲେଜରେ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା ବେଳେ ବାରିପଦା ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ (ଏମଏସସିବି) ବିଶ୍ୱବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର (ଏମପିସି) ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା ଡିଗ୍ରୀ କଲେଜ ଏବଂ ସରକାରୀ ମହିଳା ମହାବିଦ୍ୟାଳୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ତେବେ



ମିଳିଥିବା ଫଳାଫଳ ଅନୁଯାୟୀ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏମଏସସିବି) ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦର ସଭାପତି ଭାବେ ବିସିଜେଡି ସମର୍ଥିତ ପ୍ରାର୍ଥୀ ସନ୍ଦୀପ୍ତା ଦାସ, ସମ୍ପାଦକ ଭାବେ ଏବିଭିପି ସମର୍ଥିତ ପ୍ରାର୍ଥୀ ଅରଣ୍ମିତା ଭୂୟାଁ ବିଜୟ ଲାଭ କରିଛନ୍ତି । ସେହିପରି ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଭାପତି ଭାବରେ ସ୍ୱାଧୀନ ପ୍ରାର୍ଥୀ ଅଞ୍ଜନ ସୋରେନ, ସମ୍ପାଦକ ଭବରେ ସ୍ୱାଧୀନ ପ୍ରାର୍ଥୀ ପ୍ରଭାସ କୁମାର ମାରାଣ୍ଡି ବିଜୟ ଲାଭ କରିଛନ୍ତି । ବାରିପଦା ଡିଗ୍ରୀ କଲେଜରେ ସଭାପତି ଭାବରେ ବିସିଜେଡି ସମର୍ଥିତ ପ୍ରାର୍ଥୀ ଆଜାଜ ଆଲ୍ଲୀ ଏବଂ ସମ୍ପାଦକ ଭାବରେ ବିସିଜେଡି ସମର୍ଥିତ ପାର୍ଥି ଶୁଭମ କର୍ମକାର ବିଜୟ ଲାଭ କରିଥିବା ବେଳେ ସରକାରୀ ମହିଳା ମହାବିଦ୍ୟାଳୟରେ ସଭାପତି ଭାବରେ ବିସିଜେଡି ସମର୍ଥିତ ପ୍ରାର୍ଥୀ ପାର୍ବତୀ ମୁଣ୍ଡା ଲୋହାର, ଏବଂ ସମ୍ପାଦିକା ଭାବରେ ସବିତା ଗଣ୍ଡୁଆର ବିଜୟୀ ହୋଇଥିବାର ଜଣାଯାଇଛି । ତେବେ ବାରିପଦାରେ ଚଳିତ ଛାତ୍ର ସଂସଦ ନିର୍ବାଚନରେ ବାରିପଦାରେ ବିସିଜେଡି ନିଜର ପତିଆରା ଜାହିର ରଖିଥିବା ବେଳେ, ଏମପିସି ଅଟନମାସ କଲେଜରେ ସ୍ୱାଧୀନ ପ୍ରାର୍ଥୀ ମାନେ ନିଜର ଦବଦବା ଜାହିର କରିଛନ୍ତି । କେବଳ ବିଶ୍ୱ ବିଦ୍ୟାଳୟ ସମ୍ପାଦକ ପଦରେ ଏବିଭିପି ବିଜୟ ଲାଭ କରିଛି ।

## ଖଡ଼ଗପୁର ଡିଭିଜନ୍ ଅଧୀନରେ ଏସି ୱେଟିଂ ହଲ୍ (ପ୍ରତୀକ୍ଷାଳୟ), ବିଭିନ୍ନ ସ୍ଥିର ସେବା , 'ପେ ଆଣ୍ଡ ୟୁଜ୍' ଶୌଚାଳୟ ଏବଂ ପାର୍କିଂ ଚୁକ୍ତିନାମା ପାଇଁ ଇ-ନିଲାମ ବିଜ୍ଞପ୍ତି

ଭାରତ ସଂଘର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ତରଫରୁ, ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ଡିଭିଜନ୍ ସ୍ଥିତ ବରିଷ୍ଠ ଡିଭିଜନାଲ୍ ବାଣିଜ୍ୟ ପ୍ରବନ୍ଧକ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି: (କ) ଇ-ନିଲାମ ବିଜ୍ଞପ୍ତି ସଂଖ୍ୟା: କେଜିପି/ପିଏନୟୁ/ଏମ୍ଏସ୍/୨୦୨୬/୧୧, ତାରିଖ: ୧୪.୧୦.୨୦୨୬ - ଦୀଘା ରେଳ ଷ୍ଟେସନରେ 'କ୍ଲୋକ୍ ରୁମ୍' (ସାମଗ୍ରୀ ରଖିବା ସ୍ଥାନ) ପରିଚାଳନା ସହିତ ଇଉ ପେଡ୍ ଲାଉଞ୍ଜ ପାଇଁ ୫ (ପାଂଚ) ବର୍ଷର ଚୁକ୍ତିନାମା । ନିଲାମ କାଟାଲଗ୍ ସଂଖ୍ୟା: ଏମ୍ଏସ୍ଏସ୍-କେଜିପି-ଡିଜିଲକ୍-୬, ନିଲାମ ତାରିଖ: ୨୭.୧୦.୨୦୨୬, ନିଲାମ ଆରମ୍ଭ/ଶେଷ ସମୟ: ଯଥାକ୍ରମେ ୧୦:୩୦ ଏବଂ ୧୧:୦୦ ଘଂଟା । ଖଡ଼ଗପୁର ଷ୍ଟେସନର ପ୍ଲାଟଫର୍ମ ନଂ ୩/୪, ସାନ୍ତ୍ରାଗାଛି ନୂତନ ଷ୍ଟେସନ କୋଠାର ପ୍ରଥମ ମହଲା ଏବଂ ଶାଲିମାର ଷ୍ଟେସନ କୋଠାର ଭୂତଳ ମହଲାରେ 'ସାଲୋନ୍' ସେବା ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ୩ (ତିନି) ବର୍ଷର ଚୁକ୍ତିନାମା । ନିଲାମ କାଟାଲଗ୍ ସଂଖ୍ୟା: ଗଝଝ-କଏଚ-ଝଇଖଡଘ୧୧, ନିଲାମ ତାରିଖ: ୨୭.୧୦.୨୦୨୬, ନିଲାମ ଆରମ୍ଭ/ଶେଷ ସମୟ: ଯଥାକ୍ରମେ ୧୩:୦୦ ଏବଂ ୧୩:୫୦ ଘଂଟା । ଦୀଘା ରେଳ ଷ୍ଟେସନ କୋଠା ନିକଟରେ 'ଡିଜିଟାଲ୍ ଲକର' (ଉସଶସସ୍ମବକ୍ଷ କ୍ଷକ୍ଟମଳ-ରକ୍ସସ୍ୱ) ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ୩ (ତିନି) ବର୍ଷର ଚୁକ୍ତିନାମା । ନିଲାମ କାଟାଲଗ୍ ସଂଖ୍ୟା: ଗଝଝ-କଏଚ-ଉଏଖଡଉକ୬, ନିଲାମ ତାରିଖ: ୨୮.୧୦.୨୦୨୬, ନିଲାମ ଆରମ୍ଭ/ଶେଷ ସମୟ: ଯଥାକ୍ରମେ ୧୦:୩୦ ଏବଂ ୧୧:୦୦ ଘଂଟା । ୩ (ତିନି) ବର୍ଷ ପାଇଁ ନିମ୍ନଲିଖିତ ସ୍ଥାନଗୁଡ଼ିକରେ 'ପେ ଆଣ୍ଡ ୟୁଜ୍' ଶୌଚାଳୟର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତିନାମା: ବାଗନାନ ଷ୍ଟେସନର ପ୍ଲାଟଫର୍ମ ନଂ ୦୧ (ହାଓଡ଼ା/ପାର୍ଶ୍ୱ), ଦିଘା ରେଳ ଷ୍ଟେସନ କୋଠାର ଭୂତଳ ମହଲା, ବାରିପଦା ନୂତନ ଷ୍ଟେସନ କୋଠା, ସାନ୍ତ୍ରାଗାଛି ଷ୍ଟେସନର ଉତର ପାର୍ଶ୍ୱସ୍ଥ ପୁରୁଣା ବୁକିଂ ଅଫିସ୍ ନିକଟରେ ଏବଂ ଉତର ପାର୍ଶ୍ୱ ପାର୍କିଂ ନିକଟରେ, ସାନ୍ତ୍ରାଗାଛି ଷ୍ଟେସନର ନୂତନ କୋଠା ଭୂତଳ ମହଲାରେ (ହାଓଡ଼ା/ ଐଡଐ ପାର୍ଶ୍ୱରେ - ରଡଂଇ ଏବଂ ସବ୍ ?ୱେ ମଧ୍ୟରେ), ଶାଲିମାର ଷ୍ଟେସନର ପ୍ଲାଟଫର୍ମ ନଂ ୦୧ (ଗଙ୍ଗା ପାର୍ଶ୍ୱରେ), ବେଲଦା ଷ୍ଟେସନ, ଘାଟଶିଳା ଷ୍ଟେସନର ପ୍ଲାଟଫର୍ମ ନଂ ୧ (ଟାଟା/ଝଇଞ୍ଝଇ ପାର୍ଶ୍ୱରେ), ଏବଂ ସାନ୍ତ୍ରାଗାଛି ଷ୍ଟେସନର ପ୍ଲାଟଫର୍ମ ୬/୭ ଉପରେ ଥିବା 'ପେ ଆଣ୍ଡ ୟୁଜ୍' ଶୌଚାଳୟ ବ୍ଲକ୍-ଓ (ଡଐର ମାଷ୍ଟ୍ ନଂ ୭/୩୮ଇ ନିକଟରେ) ଓ ବ୍ଲକ୍-ଓଓ (ଡଐର ମାଷ୍ଟ୍ ନଂ ୭/୩୪ଇ ନିକଟରେ) ତଥା ମେଚେଦା ରେଳ ଷ୍ଟେସନ । ନିଲାମ କାଟାଲଗ୍ ନଂ: ପିଏନ୍ୟୁଟିଓଆଇ-କେଜିପି-୨୬-୯, ନିଲାମ ତାରିଖ: ୨୮.୧୦.୨୦୨୬, ନିଲାମ ଆରମ୍ଭ ଓ ଶେଷ ସମୟ: ଯଥାକ୍ରମେ ୧୩:୦୦ ଘଟିକା ଏବଂ ୧୫:୦୦ ଘଟିକା । ପାନ୍ସକୁରା ଷ୍ଟେସନର ପ୍ଲାଟଫର୍ମ ୩/୪ ଏବଂ ମେଚେଦା ଷ୍ଟେସନର ପ୍ଲାଟଫର୍ମ ୩/୪ ରେ 'ରିଲାକ୍ସେସନ୍ ଚେୟାର' ସ୍ଥାପନ, ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ୩ (ତିନି) ବର୍ଷର ଚୁକ୍ତିନାମା । ନିଲାମ କାଟାଲଗ୍ ନଂ: ଏମ୍ଏସ୍ଏସ୍-କେଜିପି-ଆରଏକ୍ସସିଏଚ୍ଏ୧୦, ନିଲାମ ତାରିଖ: ୦୨.୧୧.୨୦୨୬, ନିଲାମ ଆରମ୍ଭ ଓ ଶେଷ ସମୟ: ଯଥାକ୍ରମେ ୧୩:୦୦ ଘଟିକା ଏବଂ ୧୩:୪୦ ଘଟିକା । ମେଚେଦା ଷ୍ଟେସନର ପ୍ଲାଟଫର୍ମ ୧/୨, ଜଳେଶ୍ୱର ଷ୍ଟେସନର ପ୍ଲାଟଫର୍ମ ୨/୩, ଦିଘା ରେଳ ଷ୍ଟେସନ କୋଠା ନିକଟରେ, ପାନ୍ସକୁରା ଷ୍ଟେସନର ପ୍ଲାଟଫର୍ମ ୫/୬ ଏବଂ ସାନ୍ତ୍ରାଗାଛି ରେଳ ଷ୍ଟେସନର ନୂତନ କୋଠା ଭୂତଳ ମହଲାରେ ମୋବାଇଲ୍ ଓ ଆନୁଷଙ୍ଗିକ ସାମଗ୍ରୀ ବିକ୍ରୟ କେନ୍ଦ୍ର (କସକ୍ଟସ୍ୱଳ) ସ୍ଥାପନ ଓ ପରିଚାଳନା ପାଇଁ ନିଲାମ କାଟାଲୋଗ୍ ନଂ: ଏମ୍ଏସ୍ଏସ୍-କେଜିପି-ପୋଜା୧୦, ନିଲାମ ତାରିଖ: ୦୩.୧୧.୨୦୨୬, ନିଲାମ ଆରମ୍ଭ/ଶେଷ ସମୟ: ଯଥାକ୍ରମେ ୧୦:୩୦ ଏବଂ ୧୧:୪୦ ଘଂଟା । ପାନ୍ସକୁରା ରେଳ ଷ୍ଟେସନର ପ୍ଲାଟଫର୍ମ-୫/୬ ଏବଂ ମେଚେଦା ରେଳ ଷ୍ଟେସନର ପ୍ଲାଟଫର୍ମ-୩/୪ ରେ ପୂଜା ସାମଗ୍ରୀ କିଓସ୍କ (ଦୋକାନ) ସ୍ଥାପନ ଓ ପରିଚାଳନା ପାଇଁ ୩ (ତିନି) ବର୍ଷର ଚୁକ୍ତିନାମା । ନିଲାମ କାଟାଲୋଗ୍ ନଂ: ଏମ୍ଏସ୍ଏସ୍-କେଜିପି-ପ୍ରୋମ ୧୦, ନିଲାମ ତାରିଖ: ୦୪.୧୧.୨୦୨୬, ନିଲାମ ଆରମ୍ଭ/ଶେଷ ସମୟ: ଯଥାକ୍ରମେ ୧୦:୩୦ ଏବଂ ୧୧:୧୦ ଘଂଟା । ଶାଲିମାର ଏବଂ ସାନ୍ତ୍ରାଗାଛି ରେଳ ଷ୍ଟେସନରେ ଜରୁରୀକାଳୀନ ଚିକିତ୍ସା କକ୍ଷ (ରଗଜ) ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ୩ (ତିନି) ବର୍ଷର ଚୁକ୍ତିନାମା । ନିଲାମ କାଟାଲୋଗ୍ ନଂ: ଗଝଝ-କଏଚ-ରଗଜ-୫, ନିଲାମ ତାରିଖ: ୦୫.୧୧.୨୦୨୬, ନିଲାମ ଆରମ୍ଭ/ଶେଷ ସମୟ: ଯଥାକ୍ରମେ ୧୦:୩୦ ଏବଂ ୧୧:୧୦ ଘଂଟା । ପାନ୍ସକୁରା ରେଳ ଷ୍ଟେସନର ପ୍ଲାଟଫର୍ମ-୩/୪ ଏବଂ ସାନ୍ତ୍ରାଗାଛି ନୂତନ ଷ୍ଟେସନ କୋଠାର ଭୂତଳ ମହଲାରେ ପ୍ରମୋସନାଲ୍ କିଓସ୍କ (ପ୍ରଚାରମୂଳକ କେନ୍ଦ୍ର) ସ୍ଥାପନ ଓ ପରିଚାଳନା ପାଇଁ ୩ (ତିନି) ବର୍ଷର ଚୁକ୍ତିନାମା । ନିଲାମ କାଟାଲୋଗ୍ ନଂ: ଗଝଝ-କଏଚ-ଚଜଡଗ୧୦, ନିଲାମ ତାରିଖ: ୦୯.୧୧.୨୦୨୬, ନିଲାମ ଆରମ୍ଭ/ଶେଷ ସମୟ: ଯଥାକ୍ରମେ ୧୧:୦୦ ଏବଂ ୧୧:୪୦ ଘଂଟା । ଖଡ଼ଗପୁର ରେଳ ଷ୍ଟେସନର ସର୍କୁଲେଟିଂ ଏରିଆ (ଯାତାୟାତ କ୍ଷେତ୍ର) ରେ ରେଳ କୋଚ୍ ରେସ୍ତୋରାଁ (ରେଳ ବଗି ରେସ୍ତୋରାଁ) ନିର୍ମାଣ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ୫ (ପାଂଚ) ବର୍ଷର ଚୁକ୍ତିନାମା । ନିଲାମ କାଟାଲୋଗ୍ ନଂ: ଏମ୍ଏସ୍ଏସ୍-କେଜିପି-ପ୍ରୋମ ୩, ନିଲାମ ତାରିଖ: ୧୦.୧୧.୨୦୨୬, ନିଲାମ ଆରମ୍ଭ/ଶେଷ ସମୟ: ଯଥାକ୍ରମେ ୧୦:୩୦ ଏବଂ ୧୧:୦୦ ଘଂଟା ।

(ଖ) ଇ-ନିଲାମ ବିଜ୍ଞପ୍ତି ସଂଖ୍ୟା: କୋମ/ଜି-୩୦/୨/ପାର୍କିଂ/ସିପିଆର□୨୬/୧୭, ତାରିଖ- ୧୬.୧୦.୨୦୨୬ । ମୌରିଗ୍ରାମ, ବୌରିଆ, ଦାସନଗର, ନାରାୟଣଗଡ଼, ନାଲପୁର, ଢାଲଭୂମଗଡ଼ ଏବଂ ବେନାପୁର ଠାରେ ଦୁଇ ଚକିଆ ଯାନ ପାର୍କିଂ ସ୍ଥାନ ଏବଂ କଲାଇକୁଣ୍ଡା ଠାରେ ମିଶ୍ରିତ ପାର୍କିଂ ସ୍ଥାନ ପାଇଁ ଏହି ନିଲାମ ଅନୁଷ୍ଠିତ ହେବ । ନିଲାମ କାଟାଲଗ୍ ସଂଖ୍ୟା: ଚବକ୍ସଳସଭଶକଏଚ୨୬-୧୭, ନିଲାମ ତାରିଖ: ୩୦.୧୦.୨୦୨୬, ନିଲାମ ଆରମ୍ଭ ସମୟ: ପୂର୍ବାହ୍ନ ୧୧.୦୦ ଘଟିକା ଏବଂ ଶେଷ ସମୟ: ଦିବା ୧୨.୪୦ ଘଟିକା ।

ଉପରୋକ୍ତ ଇ-ନିଲାମ ବିଜ୍ଞପ୍ତିଟି https://www.ireps.gov.in/ ୱେବସାଇଟରେ ପ୍ରକାଶ ପାଇଛି । ଆଗ୍ରହୀ ବ୍ୟକ୍ତିବିଶେଷ ଏବଂ ଠିକାଦାରମାନେ ଏହାକୁ ଧ୍ୟାନରେ ରଖି, ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ପାଇଁ ଉପରୋକ୍ତ ୱେବସାଇଟ୍ ପରିଦର୍ଶନ କରିପାରିବେ । ଯଦି କୌଣସି ପ୍ରଶ୍ନ ଥାଏ କିମ୍ବା କିଛି ସ୍ପଷ୍ଟୀକରଣ ଆବଶ୍ୟକ ହୁଏ, ତେବେ ଦୟାକରି ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

(PR-909) **ବରିଷ୍ଠ ମଣ୍ଡଳୀୟ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର**

**ଦକ୍ଷିଣପୂର୍ବ ରେଳପଥ**
*ସହର୍ଷେ ସମସ୍ତଙ୍କ ସେବାରେ*

## ଏମପିସି କଲେଜ ଛାତ୍ର ସଂସଦ ନିର୍ବାଚନ: ସ୍ୱାଧୀନ ପ୍ରାର୍ଥୀଙ୍କ ବାଜିମାତ



ବାରିପଦା(ନିପ୍ର): ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ (ଏମପିସି)ର ଛାତ୍ର ସଂସଦ ନିର୍ବାଚନ ଫଳାଫଳକୁ ନେଇ ମୟୂରଭଞ୍ଜ ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି । ବିସିଜେଡି ଓ ଏବିଭିପି ସମର୍ଥିତ ପ୍ରାର୍ଥୀମାନେ ଜୋରଦାର ପ୍ରଚାର କରିଥିବା ସତ୍ତ୍ୱେ ସ୍ୱାଧୀନ ପ୍ରାର୍ଥୀମାନେ ବିଭିନ୍ନ ପଦରେ ବିଜୟୀ ହେବା ନିର୍ବାଚନର ମୁଖ୍ୟ ଆକର୍ଷଣ ପାଲଟିଛି । କଲେଜର ୧୫ଟି ପଦ ପାଇଁ ଅନୁଷ୍ଠିତ ପ୍ରତିଦ୍ୱନ୍ଦ୍ୱିତାର ଫଳାଫଳ ଘୋଷଣା କରାଯାଇଛି । ଏହା ପୂର୍ବରୁ ୮ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ଘୋଷିତ ଫଳାଫଳ ଅନୁଯାୟୀ, ଛାତ୍ର ସଂସଦର ସଭାପତି ଭାବେ ସ୍ୱାଧୀନ ପ୍ରାର୍ଥୀ ଅଞ୍ଜନ ସୋରେନ, ଉପସଭାପତି ଭାବେ ଜଗଦୀଶ କିସ୍କୁ, ସମ୍ପାଦକ ଭାବେ ପ୍ରଭାସ କୁମାର ମାରାଣ୍ଡି, ସହସମ୍ପାଦକ ଭାବେ ରଘୁନାଥ ବାସ୍କେ ନିର୍ବାଚିତ ହୋଇଛନ୍ତି । ସେହିପରି କଳା ବିଭାଗର ସମ୍ପାଦକ ଭାବେ ସସ୍ମିତା ସୋରେନ, ସହସମ୍ପାଦକ ଭାବେ ଜଗଜୀବନ ମୁର୍ମୁ, ବାଣିଜ୍ୟ ବିଭାଗର ସମ୍ପାଦକ ଭାବେ ଅମନ କୁମାର ସାହୁ, ନାଟ୍ୟ ସଂସଦର ସମ୍ପାଦକ ଭାବେ ବିକ୍ରମ ମାରାଣ୍ଡି, ସହସମ୍ପାଦକ ଭାବେ ବାସନ୍ତି ମାରାଣ୍ଡି ବିଜୟୀ ହୋଇଛନ୍ତି । ଓଡ଼ିଆ ସାହିତ୍ୟ ସମାଜର ସମ୍ପାଦକ ଭାବେ ଭାଗ୍ୟଜ୍ୟୋତି ଟୁଡୁ, ଫିଜିକାଲ ଏଜୁକେସନ ଆସୋସିଏସନର ସମ୍ପାଦକ ଭାବେ ଦୀପୁ ସିଂ, ଯୁଗ୍ମ ସମ୍ପାଦକ ଭାବେ ବଞ୍ଚୁ ହେମ୍ବ୍ରମ, ବିଜ୍ଞାନ ସୋସାଇଟିର ସମ୍ପାଦକ ଭାବେ ରବିନାରାୟଣ ପଣ୍ଡା, ସହସମ୍ପାଦକ ଭାବେ ସୁବାଶିସ କୁମାର ମହାନ୍ତ ଏବଂ ଏସଏସଜିର ସମ୍ପାଦକ ଭାବେ ରାମଦାସ କିସ୍କୁ ନିର୍ବାଚିତ ହୋଇଛନ୍ତି । ତେବେ ମୟୁରଭଞ୍ଜ ଜିଲ୍ଲାର ଏକ ପ୍ରମୁଖ ତଥା ଐତିହ୍ୟସମ୍ପନ୍ନ ଶିକ୍ଷାନୁଷ୍ଠାନରେ ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଂଗଠନ ଗୁଡ଼ିକର ବ୍ୟାପକ ପ୍ରଚାର ସତ୍ତ୍ୱେ ସ୍ୱାଧୀନ ପ୍ରାର୍ଥୀଙ୍କ ସଫଳତା ଜିଲ୍ଲା ଛାତ୍ର ରାଜନୀତିର ନୂଆ ସମୀକରଣକୁ ନେଇ ଚର୍ଚ୍ଚା ସୃଷ୍ଟି କରିଛି । ଏହି ଫଳାଫଳ ଛାତ୍ରଛାତ୍ରୀଙ୍କ ମତାମତ ଓ ପସନ୍ଦକୁ ପ୍ରତିଫଳିତ କରୁଥିବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।

## ନିଶା ନିବାରଣ ଓ ବ୍ରାଉନ୍ ସୁଗାର୍ ଆସକ୍ତି ପ୍ରତିରୋଧ ଶପଥ ପାଠ

ନୟାଗଡ଼(ନିପ୍ର): ପିଏମଶ୍ରୀ ଏନ.ଏ.ସି. ସରକାରୀ ଉଚ୍ଚ ବିଦ୍ୟାଳୟ, ନୟାଗଡ଼ ପରିସରରେ ନିଶା ଦ୍ରବ୍ୟ ଓ ବ୍ରାଉନ୍ ସୁଗାର୍ ଆସକ୍ତିର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଶପଥ ପାଠ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ଖଣ୍ଡା ମୁଖ୍ୟ ପୁରୋଧା ଭାବେ ଉପସ୍ଥିତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ନିଶାମୁକ୍ତ ଜୀବନଯାପନ ପାଇଁ ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମରେ ବ୍ରାଉନ୍ ସୁଗାର୍ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନର ଭୟାବହତା, ଏହାର ମାନସିକ, ଶାରୀରିକ ଏବଂ ସାମାଜିକ କୁପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଯାଇ ଥିଲା । ବିଦ୍ୟାଳୟ ସ୍ତରରୁ ନିଶା ନିବାରଣ ସଚେତନତା ସୃଷ୍ଟି କରି ଏକ ସୁସ୍ଥ ଓ ନିରାପଦ ସମାଜ ଗଠନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଶପଥ ପାଠ ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଭାଗ ନେଇ ନିଶାମୁକ୍ତ ସମାଜ ଗଢ଼ିବାର ସଂକଳ୍ପ ନେଇଥିଲେ ।

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ୮୦ତମ ଜନ୍ମ ଦିବସ ଅବସରରେ ବିଶାଳ ରକ୍ତଦାନ ଶିବିର

ନୀଳଗିରି(ନିପ୍ର): ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଙ୍କ ୮୦ତମ ଜନ୍ମ ପାଳନ ଅବସରରେ ନୀଳଗିରି ବିଜେଡ଼ି ପକ୍ଷରୁ ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ବିଜେଡ଼ି କାର୍ଯ୍ୟାଳୟ ପରିସରରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୯ଘଟିକା ସମୟରେ ରକ୍ତଦାନ ଶିବିର ଆରମ୍ଭ କରାଯାଇ ଅପରାହ୍ନ ୨ ଘଟିକା ସମୟରେ ଶେଷ ହୋଇଥିଲା । ନୀଳଗିରି ରକ୍ତ ଭଣ୍ଡାରରୁ ଡାକ୍ତର ଧରିତ୍ରୀ ମହାନ୍ତି ଙ୍କ ଉପସ୍ଥିତି ରେ ପଂଚାୟତ ର ବିଭିନ୍ନ ଗ୍ରାମରୁ ଯୁବକ, ମହିଳା ସ୍ୱେଚ୍ଛାକୃତ ରକ୍ତ ଦାନ କରିଥିବା ବେଳେ ୧୧୪ ୟୁନିଟ ରକ୍ତ ସଂଗୃହିତ ହୋଇ ନୀଳଗିରି ରକ୍ତ ଭଣ୍ଡାରକୁ ନିଆଯାଇଥିଲା । ରକ୍ତ ଭଣ୍ଡାର ଟେକ୍ନିସିଆନ ରାଜେଶ ଦାସ, ମଞ୍ଜରୀ ବେହେରା, ସଂଗ୍ରାମ ମହାପାତ୍ର, ଗତିକୃଷ୍ଣ ମହାନ୍ତି, ରାଜେନ୍ଦ୍ର ବେହେରା ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ଏହି ବିଶାଳ ରକ୍ତଦାନ ଶିବିରରେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ପୂର୍ବତନ ଉପାଧ୍ୟକ୍ଷା ତଥା ଏନଏସି ମହିଳା ସଭାପତି କମଳା ମଣି ପରିଡ଼ା, ପୂର୍ବତନ ଜିଲ୍ଲା ସଭାପତି ତାପସ ପରିଡ଼ା, ଯୁବ ସମାଜସେବୀ ରାମକୃଷ୍ଣ ମହାପାତ୍ର, ଉଦୟ ଜ୍ୟୋତି ମହାନ୍ତି , ଆରବନ୍ଧ ସରପଂଚ କୁଳମଣି ନାୟକ, ଭଉଁରିଆବାଡ଼ ସରପଂଚ ସଞ୍ଜୟ କୁମାର ସିଂ, ପୀଠହାଟ ପୂର୍ବତନ ସରପଂଚ ଭଜମନ ନାୟକ, ଡିଏନପୁର ପୂର୍ବତନ ସରପଂଚ ସୁଚିତ୍ରା ପ୍ରଧାନ, ଉପେନ୍ଦ୍ର ଦାସ, ଜୟନ୍ତ ପୁଟି, ଅକ୍ଷୟ ବେହେରା, ଶ୍ରୀକାନ୍ତ ପରିଡ଼ା, ଗଙ୍ଗାଧର ବେହେରା, ଶଙ୍କର ଦାସ, ଗଙ୍ଗାଧର ବିଶ୍ୱାଳ, ରାଜେଶ ନାୟକ, ବିଦ୍ୟାଧର ଦଳେଇ, ଗିରିଶ ସେଠୀ, ନୀଳଗିରି ବ୍ଲକ ର ବିଜେଡ଼ି ଦଳର ସମସ୍ତ ନିର୍ବାଚିତ ପ୍ରତିନିଧି, ନେତୃତ୍ୱ, ସକ୍ରିୟ କର୍ମୀ ଉକ୍ତ ରକ୍ତଦାନ ଶିବିରରେ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ଘରୋଇ ହିଂସା ପ୍ରତିରୋଧ ଓ ପୀଡ଼ିତାଙ୍କ ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ




ଭବାନୀପାଟଣା(ନିପ୍ର): ଘରୋଇ ହିଂସାର ପ୍ରତିରୋଧ, ପୀଡ଼ିତାଙ୍କ ଅଧିକାରର ସୁରକ୍ଷା ଏବଂ ଆବଶ୍ୟକ ସହାୟତା ସେବା ସମ୍ପର୍କରେ ସଚେତନତା ବୃଦ୍ଧି ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି କଳାହାଣ୍ଡି ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଭବାନୀପାଟଣା ସ୍ଥିତ ଜିଲ୍ଲା ଯୋଜନା ଓ ସମୀକ୍ଷା ବିଭାଗର ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାରେ ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ଅଧିନିୟମ, ୨୦୦୫ ର ବିଭିନ୍ନ ବ୍ୟବସ୍ଥା, ପୀଡ଼ିତାଙ୍କ ପାଇଁ ଉପଲବ୍ଧ ଆଇନଗତ ସୁରକ୍ଷା ଓ ସହାୟତା ସେବା, ପରାମର୍ଶ ପ୍ରଦାନ ପ୍ରକ୍ରିୟା ଏବଂ ସମ୍ପୃକ୍ତ ବିଭାଗ ଗୁଡ଼ିକର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏଥିସହ ଘରୋଇ ହିଂସାର ଘଟଣାଗୁଡ଼ିକୁ ଚିହ୍ନଟ କରିବା, ପୀଡ଼ିତାଙ୍କୁ ସମୟୋପଯୋଗୀ ସହାୟତା ଯୋଗାଇବା, ଆବଶ୍ୟକ ସ୍ଥଳେ ଆଇନଗତ ପଦକ୍ଷେପ ଗ୍ରହଣ କରିବା ଏବଂ ଏକ ସୁଦୃଢ଼ ରେଫରାଲ୍ ବ୍ୟବସ୍ଥା ମାଧ୍ୟମରେ ସମନ୍ୱିତ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଘରୋଇ ହିଂସା ନିରାକରଣ ଦିଗରେ ସାମାଜିକ ସଚେତନତା ବୃଦ୍ଧି ଏବଂ ଭବିଷ୍ୟତ କାର୍ଯ୍ୟଯୋଜନା ପ୍ରସ୍ତୁତି ନେଇ ମଧ୍ୟ ଆଲୋଚନା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ନିହାରେନ୍ଦ୍ର ପଣ୍ଡା, ଉପନିର୍ଦ୍ଦେଶକ, ପ୍ଲାନିଂ ଶ୍ରୀକାନ୍ତ ଦଳେଇ, ସମାଜ କଲ୍ୟାଣ ଅଧିକାରିଣୀ ନିୟତିବଲା ସୋରେନ, କାର୍ଯ୍ୟକ୍ରମ ଅଧିକାରିଣୀ ନମିତା ପୋଲ, ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମହାନ୍ତି ଓ ସଦସ୍ୟ, ଜିଲ୍ଲା ମହିଳା ହବ୍‌ର ସଂଯୋଜକ ଯୋଗେଶ୍ୱର ବୁଦ୍ଧିଆ, ପୋଲିସ ଅଧିକାରୀ, ୱାନ୍ ଷ୍ଟପ୍ ସେଂଟର, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଶକ୍ତି ସଦନ ଏବଂ ଏଫ୍‌ସିସିର ପ୍ରତିନିଧିମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା ଉପସ୍ଥିତ ଅତିଥି ଓ ସହଭାଗୀ ମାନଙ୍କୁ ସ୍ୱାଗତ ଜଣାଇବା ସହ କର୍ମଶାଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ମହିଳା ହବ୍‌ର ସଂଯୋଜକ ଯୋଗେଶ୍ୱର ବୁଦ୍ଧିଆ କାର୍ଯ୍ୟକ୍ରମର ମଂଚ ପରିଚାଳନା କରିଥିଲେ । ତାଲିମ ଦାତା ଶୁଭ୍ରାଂଶୁ ଶେଖର ନନ୍ଦ କର୍ମଶାଳାକୁ ଆଗକୁ ନେଇଥିଲେ । କର୍ମଶାଳାର ଶେଷରେ ଏଡ୍ ଏଟ୍ ଆକ୍ସନର ଜିଲ୍ଲା ସଂଯୋଜକ ଦିବ୍ୟ ରଞ୍ଜନ ଯୋଷି ଉପସ୍ଥିତ ସମସ୍ତ ଅତିଥି, ପ୍ରଶିକ୍ଷକ, ଅଧିକାରୀ ଓ ସହଭାଗୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରଶିକ୍ଷଣ କର୍ମଶାଳା ମାଧ୍ୟମରେ ଘରୋଇ ହିଂସାର ଶିକାର ମହିଳାମାନଙ୍କୁ ସମୟୋପଯୋଗୀ ସହାୟତା, ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବା ସହ ଜିଲ୍ଲାରେ ଏକ ସୁରକ୍ଷିତ, ହିଂସା ମୁକ୍ତ ଓ ମହିଳାଙ୍କ ପ୍ରତି ସମ୍ମାନଜନକ ପରିବେଶ ଗଠନ ଦିଗରେ ସମନ୍ୱିତ ପ୍ରୟାସକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।


## ଜଳେଶ୍ୱର ମୁକାମ ଶ୍ରୀଯୁକ୍ତ ସିଭିଲ୍ ଜଜ୍ ସିନିୟର ଡିଭିଜନ୍ଙ୍କ ଅଦାଲତ

ସୋରେନ ମୋ. ନଂ. ୬୮ / ୨୦୧୬

୧. ଶ୍ରୀ ରବିନ୍ଦ୍ର ଦଣ୍ଡପାଟ, ବ୪୬ର୍ଷ
୨. ଶ୍ରୀ ହିମାଂଶୁ ଦଣ୍ଡପାଟ, ବ୫୮ର୍ଷ,
୩. ଶ୍ରୀ ସନ୍ତୋଷ କୁମାର ଦଣ୍ଡପାଟ, ବ୫୦ର୍ଷ,
ନ୧ଲ.୩ୟର ମାନଙ୍କ ପିତା: ୰ଗୌରହରି ଦଣ୍ଡପାଟ
୪. ଶ୍ରୀ ପ୍ରଭାତ ଦଣ୍ଡପାଟ, ବ୬୫ର୍ଷ
୫. ଶ୍ରୀ ଧରଣୀଧର ଦଣ୍ଡପାଟ, ବ୫୫ର୍ଷ,
୬. ଶ୍ରୀ ଜ୍ୟୋତିଶଙ୍କର ଦଣ୍ଡପାଟ, ବ୪୫ର୍ଷ,
ନ୪ଲ.୬ୟର ମାନଙ୍କ ପିତା: ୰ନିରଞ୍ଜନ ଦଣ୍ଡପାଟ
୭. ଶ୍ରୀ ପରିମଳ ଦଣ୍ଡପାଟ, ବ୬୪ର୍ଷ,
୮. ଶ୍ରୀ ହିରନ୍ମୟ ଦଣ୍ଡପାଟ, ବ୫୬ର୍ଷ,
ନ୭, ୮ୟର ମାନଙ୍କ ପିତା: ୰ଅଧର ଦଣ୍ଡପାଟ
୯. ଶ୍ରୀ ସୁଶାନ୍ତ ଦଣ୍ଡପାଟ, ବ୪୫ର୍ଷ
୧୦. ଶ୍ରୀ ଶୁକଦେବ ଦଣ୍ଡପାଟ, ବ୪୦ର୍ଷ
୧୧. ଶ୍ରୀ ଶାନ୍ତନୁ ଦଣ୍ଡପାଟ, ବ୩୭ର୍ଷ
ନ୯ଲ.୧୧ୟର ମାନଙ୍କ ପିତା: ୰ତରଣୀ ଦଣ୍ଡପାଟ
୧୨. ଶ୍ରୀ ସତ୍ୟବାନ ଦଣ୍ଡପାଟ, ବ୮୦ର୍ଷ,
୧୩. ଶ୍ରୀ କୁମୁଦ ଚନ୍ଦ୍ର ଦଣ୍ଡପାଟ, ବ୭୩ର୍ଷ,
୧୪. ଶ୍ରୀ ହରିଶ୍ଚନ୍ଦ୍ର ଦଣ୍ଡପାଟ, ବ୭୦ର୍ଷ,
ନ୧୨ଲ.୧୪ୟର ମାନଙ୍କ ପିତା: ୰ରାମଚନ୍ଦ୍ର ଦଣ୍ଡପାଟ
ସମସ୍ତଙ୍କ ସା:/ପୋ: ପସରବିନ୍ଧା, ଥା: ଭୋଗରାଇ, ଜିଲ୍ଲା: ବାଲେଶ୍ୱର ।

**........ବାଦୀମାନେ**

**ବନାମ**

ଓଡ଼ିଶା ରାଜ୍ୟସରକାର ତରଫ ଜିଲ୍ଲାପାଳ, ବାଲେଶ୍ୱର
ସା:/ପୋ:/ଥାନା:/ଜିଲ୍ଲା: ବାଲେଶ୍ୱର । **........ ବିବାଦୀ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାଦୀମାନେ ନିମ୍ନ ତଫସିଲ ସମ୍ପତି ସକାଶ ନିମ୍ନ ସ୍ୱାକ୍ଷରକାରୀ ଅଦାଲତରେ ବାଦୀ-ସତ୍ୱ ସିଦ୍ଧାନ୍ତ ପ୍ରଚାର ଓ ଚିରସ୍ଥାୟୀ ନିଷେଧାଜ୍ଞା ସକାଶ ମୋକଦ୍ଦମା ଆଗତ କରିଅଛନ୍ତି । ଯଦି ଏଥି ସମ୍ବନ୍ଧରେ କୌଣସି ବ୍ୟକ୍ତିଙ୍କର ଆପତି ଅଭିଯୋଗ ଥାଏ ତେବେ ସେ ନିଜେ କିମ୍ବା ନିଯୁକ୍ତି ଓକିଲଙ୍କ ଜରିଆରେ ଆସନ୍ତା ତା୩୦.୧୧.୨୦୨୬ରିଖରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ନିଜର ଦାବି ଉପସ୍ଥାପନ ରଖିବାକୁ ଅନୁରୋଧ ।

**ତଫସିଲ ସମ୍ପତି**

ଜିଲ୍ଲା- କଲେକ୍ଟରୀ ବାଲେଶ୍ୱର, ଥାନା ଓ ତହସିଲ- ଭୋଗରାଇ, ଥାନା ନଂ. ୧୫୧

| | | |
|---|---|---|
| ମୌଜା- ପସରବିନ୍ଧା, ଖାତା ନଂ. ୪୧୭ | ଖସଡ଼ା ନଂ. ୪୮୬ | ଏ୦.୪୩ଡି. |
| | ଖସଡ଼ା ନଂ. ୧୮୭ | ଏ୦.୦୨ଡି. |
| | ଖସଡ଼ା ନଂ. ୪୮୮ | ଏ୦.୦୭ଡି. |
| | ମୋଟ | ଏ୦.୫୨ଡି. ଯାହାକି |

ସାବକ ମତେ ସାବକ ଖାତା ନଂ. ୨୮୬, ଖସଡ଼ା ନଂ. ୫୧, ଖାତା ନଂ. ୨୮୭, ଖସଡ଼ା ନଂ. ୪୯

**ନିବେଦନ, ଇତି**
Sd/-
C.J.S.D, Jaleswar

# ରଷିକୁଲ୍ୟା ମୁହାଣର ମତ୍ସ୍ୟଜୀବୀଙ୍କୁ ଇନସୁଲେଟେଡ୍ ଆଇସ୍ ବକ୍ସ ପ୍ରଦାନ

ବ୍ରହ୍ମପୁର (ନି.ପ୍ର.): ରଷିକୁଲ୍ୟା ମୁହାଣ ଅଂଚଳର ମତ୍ସ୍ୟଜୀବୀଙ୍କ ଜୀବିକାକୁ ସୁରକ୍ଷିତ ଓ ସୁଦୃଢ଼ କରିବା ସହ ଅଲିଭ୍ ରିଡ୍ ?ଲେ କଇଁଛଙ୍କ ସୁରକ୍ଷା ଦିଗରେ ସେମାନଙ୍କ ଅବଦାନକୁ ଉତ୍ସାହିତ କରିବା ଲକ୍ଷ୍ୟରେ ବନବିଭାଗ ପକ୍ଷରୁ ଏକ୍ରିକ୍ ?ର ସହାୟତାରେ ଇନସୁଲେଟେଡ୍ ଆଇସ୍ ? ବକ୍ସ ବଂଟନ କରାଯାଇଛି । ପୁରୁଣାବନ୍ଧଠାରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଭରତ ଭୂଷଣ ସାହୁ ଓ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ଦେବିଦତ ମହାନ୍ତି ଉପସ୍ଥିତ ଥିଲେ । ଏହି ଅବସରରେ ଦୁଇଜଣ ମତ୍ସ୍ୟଚାଷୀଙ୍କୁ ରଙ୍ଗୀନ ମାଛ ଚାଷ ପାଇଁ ୬୪ ହଜାର ୯୬୪ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏଥିସହ ପୁରୁଣାବନ୍ଧ, ପ୍ରୟାଗୀ, କଲରାବାଡ଼ି, ପାଲିବନ୍ଧ, ନୂଆ ପୋଡ଼ମପେଟା ଓ ଗୋଖରକୁଦା ଗ୍ରାମର ୧୨୦ ଜଣ ମତ୍ସ୍ୟଜୀବୀଙ୍କୁ ଦୁଇଟି ଲେଖାଏଁ ଇନସୁଲେଟେଡ୍ ଆଇସ୍ ? ବକ୍ସ ପ୍ରଦାନ କରାଯାଇଥିଲା ।ଅଲିଭ୍ ରିଡ୍ ?ଲେ କଇଁଛଙ୍କ ସୁରକ୍ଷାରେ ଏହି ଅଂଚଳର ମତ୍ସ୍ୟଜୀବୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି । ସେମାନଙ୍କ ଜୀବିକାର ସୁରକ୍ଷା ସହ ଜୀବିକା ଓ ପରିବେଶ ସଂରକ୍ଷଣ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା ତତ୍ପର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଏକ୍ରିକ୍ ? ସଂଯୋଜକ ରଞ୍ଜନ କୁମାର ଭୋଇ ମଂଚ ପରିଚାଳନା କରିଥିବାବେଳେ ଖଲ୍ଲିକୋଟ ରେଞ୍ଜର କୁଲେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବନବିଭାଗ ଓ ଏକ୍ରିକ୍ ?ର କର୍ମଚାରୀଙ୍କ ସହ ସ୍ଥାନୀୟ କ୍ଲାଇମେଟ୍ ଚାମ୍ପିଅନ୍‌ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



# ଅର୍ଥ ଲୋଭୀ ଝିଅ ବାପର ଶୁଦ୍ଧି କର୍ମ କଲେନି, ନାତି କଲେ ଜେଜେବାପାଙ୍କ କର୍ମ

ନୀଳଗିରି, (ନି.ପ୍ର)ଅର୍ଥ ଲୋଭି ଝୀଅ ନିଜ ବାପାଙ୍କର ସୁଦ୍ଧି କର୍ମ ନ କରି ଲୁଚି ପଳାଇଲେ ଶାଶୁଘରକୁ, କିନ୍ତୁ ଜେଜେବାପାଙ୍କ ଏକାଦଶାହ କର୍ମ କଲେ ନାତି । ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ତେନ୍ତଦା ପଂଚାୟତର ପୁରୁଖି ଗ୍ରାମର ଗଦାଧର ବେହେରାଙ୍କ ପରିବାରରେ ଦେଖିବାକୁ ମିଳିଛି ଏପରି ଦୁଃଖଦ ଘଟଣା । ବିବରଣୀରୁ ପ୍ରକାଶ ପୁରୁଖି ଗ୍ରାମର ଗଦାଧର ବେହେରା ଓ ସୀତାମଣୀ ଙ୍କର ଏକମାତ୍ର ପୁତ୍ର ସତ୍ୟବ୍ରତ ବେହେରା ଓ ଝୀଅ ସସ୍ମିତା ବେହେରା । ସତ୍ୟବ୍ରତ ନିଜ ଗ୍ରାମ ର ଗଙ୍ଗାଧର ମୁଦୁଲିଙ୍କ ଝିଅ ସୀତା ମଣିଙ୍କୁ ମନ୍ଦିରରେ ବିବାହ ହୋଇଥିଲା ୨୦୦୪ ମସିହାରେ । ସତ୍ୟବ୍ରତ ଓ ସୀତାମଣିଙ୍କ ଏକ ପୁତ୍ର ସନ୍ତାନ ସୁକାନ୍ତ (ବବବୁଲୁ) । ସୁକାନ୍ତ ଏକ ବର୍ଷ ହୋଇ ଥିବାବେଳେ ବାପା ସତ୍ୟବ୍ରତ ଘଡ଼ଘଡ଼ି ରେ ମୃତ୍ୟୁବରଣ କରିଥିଲେ । ଜେଜେବାପାଙ୍କ ପରକ୍ରିୟା ପ୍ରିତି ପାଇଁ ଜେଜେମାଙ୍କର ମୃତ୍ୟୁ ହୋଇଥିଲା । ଘରେ ରହୁଥିଲେ ୧ବର୍ଷ ର ପୁତ୍ରକୁ ନେଇ ରହୁଥିଲା ମା । ଜେଜେବାପ ଓ ରଖିତା ସ୍ତ୍ରୀ ଆରମ୍ଭ କରିଥିଲେ ବହୁ ଉପରେ ଅତ୍ୟାଚାର । ଅତ୍ୟାଚାର ସହିନପାରି ବହୁ ସୀତାମଣୀ ପୁତ୍ରକୁ ତାର ଅଜା ଘରେ ଛାଡ଼ିଦେଇ ନିଖୋଜ ହୋଇଯାଇଥିଲେ । ଅଜା/ଆଇ ଦୁଃଖ କଷ୍ଟ କରି ନାତିକୁ ବଢାଇ ୧୦ ମ ପର୍ଯ୍ୟନ୍ତ ପାଠଢାଇ ଥିଲେ । ଅର୍ଥ ଅଭାବ ଓ ଜେଜେବାପା ନାତିକୁ ପାଠ ପଢ଼ା ପାଇଁ ଆବଶ୍ୟକ କାଗଜାତ ଓ ଅର୍ଥ ନ ଦେବାରୁ ପାଠ ପଢା ଠପ୍ ହୋଇ ଗଲା । ନାତି ଏବେ ୨୧ ବର୍ଷର ହୋଇଗଲାଣି । ଅଜାଘରେ ବହୁ ଗରିବ ହୋଇଥିବାରୁ ବାପର ହକ୍ ପାଇଁ ଅଡ଼ି ବସିଛି ନାତି । ଗଦାଧର ନିଜ ଝିଅ ସସ୍ମିତ । କୁ ମୟୂରଭଞ୍ଜ ଜିଲ୍ଲା ମରଡ଼ା ଥାନା ଅନ୍ତର୍ଗତ ବଳଦିଆ ଗ୍ରାମ ର ବଟେଶ୍ୱର ମୁଦୁଲି କୁ ବିବାହ କରି ସେଠାରେ ରହିଆସୁଅଛନ୍ତି । ଗଦାଧର ଆସ୍ତେଆସ୍ତେ ବ ?ଦ୍ଧ ହୋଇ ରୋଗାଗ୍ରସ୍ତ ହେବାରୁ ଝୀଅ ବାପାଙ୍କ ଚିକିତ୍ସା ପାଇଁ ନିଜ ଘର ବଳଦିଆ କୁ ନେଇଗଲେ । ଝୀଅ ବାପକୁ ବଡ଼ ରୋଗ ହୋଇଛି ବହୁ ଅର୍ଥ ଦରକାର କହି ବାପଙ୍କ ଠାରୁ ବହୁ ଜମି ଗୁଡ଼ିକ ଚଂଚକତା କରି ତାଙ୍କ ନାମରେ କରିନେଇଛନ୍ତି । ଅର୍ଥାତ ସସ୍ମିତା ମୁଦୁଲି ଓ ସ୍ୱାମୀ ବଟେଶ୍ୱର ମୁଦୁଲିଙ୍କ ନାମରେ । ଜେଜେବାପାଙ୍କର ୬/୧୦/୨୦୨୬ ରେ ଚିକିତ୍ସାଧିନ ଅବସ୍ଥାରେ ଝୀଅଘରେ ମୃତ୍ୟୁ ହୋଇଥିଲା । ଝିଅ ବାପର ଶବକୁ ଆଣି ନିଜ ପୈତିକ ଗ୍ରାମ ପୁରିଖି ରେ ଶବଦାହ କରିଥିଲେ । ନାତି ମୁଖାଗ୍ନି ଦେଇଥିଲେ । ଅର୍ଥ ଲୋଭି ଝୀଅ ବାପର ସୁଦ୍ଧିକ୍ରିୟା ନିଜେ କରିବ କହି କିଛି ଦିନ ରହିବା ପରେ ଲୁଚି କରି ନିଜ ଶାଶୁ ଘର ବଳଦିଆ କୁ ପଳାଇଗଲେ । ୧୬ ତାରିଖ ଶୁକ୍ରବାର ଜେଜେବାପାଙ୍କର ଏକାଦଶାହ କର୍ମ କୁ ନାତି ନିଜେ କରିଲେ । ଏଭଳି ଦୁଃଖଦ ଘଟଣା ଗ୍ରାମବାସୀ ଓ ବୁଦ୍ଧିଜୀବି ମହଲରେ ଚକିତ କରିଛି । ଜେଜେବାପର ସମ୍ପତି ଓ ବାପର ହକ୍ ପାଇବାକୁ ବଂଚିତ ସୁକାନ୍ତ । ସୁକାନ୍ତ କୁ ନ୍ୟାୟ ଦେବାକୁ ସାଧାରଣରେ ଦାବି ହୋଇଛି ।

## ଓଡିଶା ଅକ୍ଷମ କଲ୍ୟାଣ ସମାଜ ପକ୍ଷରୁ ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡ଼ି ସପ୍ତାହ ପାଳିତ

ଜଳେଶ୍ୱର (ନି.ପ୍ର ) ସକାଳ ୯ ଘଟିକା ସମୟ ରେ ଜଳେଶ୍ୱର ନୂଆବଜାର ସ୍ଥିତ ଓଡିଶା ଅକ୍ଷମ କଲ୍ୟାଣ ମଣ୍ଡପ ଠାରେ ଓଡିଶା ଅକ୍ଷମ କଲ୍ୟାଣ ସମାଜ ନନ୍ଦିକା ଜଳେଶ୍ୱର ପକ୍ଷରୁ ରାଜ୍ୟସ୍ତରୀୟ ବିଶ୍ୱ ଧଳା ବାଡ଼ି ସପ୍ତାହ ପାଳନ ଅବସରରେ ରାଜ୍ୟ ର ବିଭିନ୍ନ ପ୍ରାନ୍ତ ରୁ ଆସିଥିବା ଦୃଷ୍ଟି ବାଧିତ ଭାଇ ଭଉଣୀ ମାନଙ୍କ ର ଜୀବନ ବୀମା ନିଗମ ଜଳେଶ୍ୱର ଶାଖା ର ମୁଖ୍ୟ ଶାଖା ପରିଚାଳକ ଶ୍ରୀଯୁକ୍ତ ମଧୁସୁଦନ ଦାସ ଧଳା ବାଡ଼ି ବଂଟନ କରି ଅନୁଷ୍ଠାନିକ ଭାବେ ଉତ୍ସବ କୁ ଉଦଘାଟନ କରିଥିଲେ. ଦୃଷ୍ଟି ବାଧିତ ଭାଇ ଭଉଣୀ ମାନଙ୍କ ର ଏକ ସୁ ଶୋଭିତ ଶୋଭାଯାତ୍ରା ସହର ପରିକ୍ରମା କରି ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ରେ ପହଂଚି ବିଦ୍ୟାଳୟ ର ସଭାଗୃହ ରେ ଏକ ସଚେତନତା ସଭା, ଅନୁଷ୍ଠାନ ର ସ୍ଥାଇ ସଭାପତି ବିଷ୍ଣୁପଦ ମହାନ୍ତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଥିଲା. ଏଥିରେ ଅତିଥି ଭାବରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶର୍ମିଷ୍ଠା ଦତ, ରାନୀପାଟଣା ଦୃଷ୍ଟି ବାଧିତ ବିଦ୍ୟାଳୟ ର ଅଧକ୍ଷ ଦିବାକର ସ, ପୂର୍ବତନ ଅଧକ୍ଷ ବିପନ ବିହାରୀ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ଧଳାବାଡି ର ଉପଯୋଗୀତା ସମ୍ପର୍କ ରେ ଅଭିବ୍ୟକ୍ତି ପ୍ରଦାନ କରିଥିଲେ. ଅନୁଷ୍ଠାନ ର ବରିଷ୍ଠ ସଦସ୍ୟ କମଳ ଚକ୍ରବର୍ତୀ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ତଥା ନିର୍ଦ୍ଦେଶକ ଯୁଗଳ କିଶୋରେ ପ୍ରଧାନ ଅନୁଷ୍ଠାନ ର ବିବରଣୀ ତଥା ଧଳା ବାଡ଼ି ର ଉପଯୋଗୀତା ସମ୍ପର୍କ ରେ ଆଲେଖ୍ୟ ପ୍ରଦାନ କରିଥିଲେ. ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ର ବରିଷ୍ଠ ସଦସ୍ୟ ଡ. ଇଶ୍ୱର ଚନ୍ଦ୍ର ଜେନା, ଡ. ରମାକାନ୍ତ ଭଞ୍ଜ, କପିଳେଶ୍ୱର ମହାନ୍ତି, ଦିଲ୍ଲୀପ କୁମାର ଗିରି, ସହଦ୍ୱେ ଦାସ, ସମରେଶ ଦିଣ୍ଡା, କ୍ଷେତ୍ର ମୋହନ ଗିରି, ପୂର୍ଣଚନ୍ଦ୍ର ପରିଡା, ଇଂ. ରତ୍ନାକର ରାୟ, ଅଶୋକ ଦାସ, ପ୍ରମୁଖ ଉପସ୍ଥିତ ରହି ମତାମତ ଉପସ୍ଥାପିତ କରିଥିଲେ. ଶେଷ ରେ ଅନୁଷ୍ଠାନ ର ସହ ସମ୍ପାଦକ ସୁନୀଲ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ. ଏ ସମସ୍ତ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ମାନେ ସଭା ପରିଚାଳନା ରେ ସହଯୋଗ କରିଥିଲେ. ସାମଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଓଡିଶା ସରକାର ଓ ଜୀବନ ବୀମା ନିଗମ କଟକ ମଣ୍ଡଳ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା ।

# ଧାମନଗର-ଚୂଡ଼ାକୁଟି ରାସ୍ତା ଏବେ ମରଣ ଯନ୍ତା

ଧାମନଗର (ନି.ପ୍ର.) ,ଧାମନଗର ଠାରୁ ଚୁଡ଼ା କୁଟି ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ସ୍ଥାନୀୟ ଜନସାଧାରଣ ଓ ପଥଚାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବିପଜ୍ଜନକ ହୋଇପଡ଼ିଥିବା ବେଳେ ମରାମତି କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିବା ସମସ୍ୟାକୁ ଆହୁରି ଜଟିଳ କରିଦେଇଛି ।ସୂଚନାଯୋଗ୍ୟ ଯେ, ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଦେଇ ପ୍ରତିଦିନ ଶହ ଶହ ଗାଡ଼ିମୋଟର ସହ ହଜାର ହଜାର ଲୋକ ଯାତାୟାତ କରିଥାନ୍ତି । ତେବେ ରାସ୍ତା ନିର୍ମାଣ ଓ ମରାମତି ପାଇଁ ନିକଟରେ କିଛି କାମ ଆରମ୍ଭ କରାଯାଇଥିଲେ ହେଁ ତାହା ବର୍ତ୍ତମାନ ଅଧାରେ ଅଟକି ରହିଛି । ଫଳରେ ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଚି । ଏବଂ ସ୍ଥାନେ ସ୍ଥାନେ ଗଭୀର ଖାଲଖମା ସୃଷ୍ଟି ହୋଇଥିବାରୁ ପ୍ରତିମୁହୂର୍ତ୍ତରେ ଦୁର୍ଘଟଣାର ଭୟ ଲାଗିରହିଛି ।ବିଶେଷ କରି ଦୁଇଚକିଆ ଯାନଚାଳକ, ସାଇକେଲ ଆରୋହୀ ଏବଂ ସ୍କୁଲ-କଲେଜ ଯାଉଥିବା ଛାତ୍ରଛାତ୍ରୀମାନେ ଏହି ରାସ୍ତାରେ ଯିବାଆସିବା କରିବା ବେଳେ ପ୍ରାୟତଃ ଦୁର୍ଘଟଣାର ଶିକାର ହେଉଛନ୍ତି । ଏନେଇ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ, ସମ୍ପୃକ୍ତ ଅଧିକାରୀ ଏହି ବିଷୟ ପ୍ରତି ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାସ୍ତା କାମ ଶୀଘ୍ର ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରାଯାଇଛି ।

# ଡିଏଭିରେ ଧୂମଧାମରେ ପାଳିତ ହେଲା ଶାରଦୀୟ ପାର୍ବଣ ଆସର




ଝାରସୁଗୁଡ଼ା (ନି.ପ୍ର.) ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଶାରଦୀୟ ପାର୍ବଣ ଆସର ଆନନ୍ଦ, ଉଲ୍ଲାସ ଓ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସର ଶାରଦୀୟ ସାଜସଜ୍ଜା ଓ ଛାତ୍ରଛାତ୍ରୀଙ୍କ ପାରମ୍ପରିକ ବେଶଭୂଷାରେ ବେଶ ଆକର୍ଷଣୀୟ ହୋଇଥିଲା । ଶାରଦୀୟ ଦୁର୍ଗାପୂଜା ଓ ବିଜୟାଦଶମୀର ମହତ୍ତ୍ୱକୁ ପରିସ୍ଫୁଟନ କରିବା ସହ ଭାରତୀୟ ସଂସ୍କୃତି ଓ ପରମ୍ପରା ପ୍ରତି ସମ୍ମାନବୋଧ ଜାଗ୍ରତ କରିବା ଥିଲା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ । ବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱ କରି ଆୟୋଜିତ ଏହି ପାର୍ବଣ ଆସରର ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହତ୍ୱ ତଥା ଅସତ୍ୟ ଉପରେ ସତ୍ୟର ଓ ଅଧର୍ମ ଉପରେ ଧର୍ମର ବିଜୟକୁ ଜୀବନରେ ଆପଣାଇବା ପାଇଁ ସମସ୍ତଙ୍କୁ ପ୍ରେରଣା ଦେଇଥିଲେ । ଛାତ୍ରଛାତ୍ରୀମାନେ ପାରମ୍ପରିକ ପୋଷାକରେ ସଜ୍ଜିତ ହୋଇ ଉତ୍ସବର ଶୋଭା ବୃଦ୍ଧି କରିବା ସାଙ୍ଗକୁ ଦଳଗତ ଗରବା ନୃତ୍ୟ ପରିବେଷଣ କରିଥିଲେ । ବିଦ୍ୟାଳୟ ପ୍ରାଙ୍ଗଣରେ ଛାତ୍ରଛାତ୍ରୀମାନଙ୍କ ଶୃଙ୍ଖଳିତ ସମାବେଶ ଓ ସାମୂହିକ ଅଂଶଗ୍ରହଣ ଉତ୍ସବକୁ ଏକ ନିଆରା ରୂପ ପ୍ରଦାନ କରିଥିଲା । ଅଧକ୍ଷ ଶ୍ରୀ ଦେବତା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସମସ୍ତଙ୍କୁ ଦଶହରାର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ଏବଂ ପବିତ୍ର ଦଶହରା ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି, ସମୃଦ୍ଧି ଓ ସଫଳତା ଆଣିବା ସହ ପାରସ୍ପରିକ ସ୍ନେହ, ସହଯୋଗ ଓ ସଦଭାବନାକୁ ସୁଦୃଢ଼ କରୁ ବୋଲି କାମନା କରିଥିଲେ । ଶାରଦୀୟ ପାର୍ବଣ ବିଦ୍ୟାଳୟର ଶୁଭେଚ୍ଛୁଙ୍କ ମଧ୍ୟରେ ଏକତା, ଭାଇଚାରା ଓ ସାମୂହିକ ସୌହାର୍ଦ୍ଦ୍ୟର ବାର୍ତ୍ତା ପ୍ରସାର କରିଥିଲା । ସୁନନ୍ଦା ପ୍ରହରାଜ, ସବିତା ଧଳ, ଅଞ୍ଜଳି ବାଲସୁବ୍ରମଣ୍ୟମ, ସଙ୍ଗୀତା ସିହ୍ନା, ରିଙ୍କୁ ଶର୍ମା, ଉମା ସିଂ ଚନ୍ଦେଲ, ସ୍ମିତା ସାହୁ ପ୍ରମୁଖ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ 'ନିଶା ମୁକ୍ତ ଯୁବା'ଙ୍କର ବିକଶିତ ଭାରତ ସଂକଳ୍ପ ସମାରୋହ ଅନୁଷ୍ଠିତ !

ଜଳେଶ୍ୱର (ନି.ପ୍ର ) ଶୁକ୍ରବାର ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ଜଳେଶ୍ୱର ପରିସରରେ 'ନିଶାମୁକ୍ତ ଯୁବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ! ଅନୁଷ୍ଠାନ ର ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ସଭା ପତିତ୍ୱ କରିଥିଲେ !ନିଶା ମୁକ୍ତ ଭାରତ ସମ୍ପର୍କ ରେ ଆଲୋ ଚନା କରିଥିଲେ !ମୁଖ୍ୟ ଅତିଥି ଏନ ଏସ ଏସ ର ଜିଲ୍ଲା କାର୍ଯ୍ୟ କାରୀ ପୂର୍ବତନ ଅଧିକାରୀ ଅଧ୍ୟା ପକ ସତ୍ୟମୟ ଆଚା ର୍ଯ୍ୟ ବକ୍ତବ୍ୟ ରେ କହି ଥିଲେ ନିଶା କୁ ନା ସମ୍ପର୍କ ରେଆଲୋ ଚନା କରିଥିଲେ, ମୁଖ୍ୟ ବକ୍ତା ଭାବରେ ଦିଗ ମ୍ବରୀ ଦେବୀ ଅନୁଷ୍ଠାନ ର ଚେୟାରମ୍ୟାନ ଅଧ୍ୟକ୍ଷ ଶିକ୍ଷାବିତ ଡ ଅଜିତ କୁମାର ମହାନ୍ତି ବକ୍ତବ୍ୟ ରେ କହିଥିଲେ ' ନିଶା ମୁକ୍ତ ଯୁବା ' ବିକଶିତ ଭାରତ ସମ୍ପର୍କର ବକ୍ତବ୍ୟ ରେ କହିଥିଲେ ନିଶା ମଣିଷ କୁ ରସାତଳ ଗାମୀ କରିପାରେ ଏକ ସୁନ୍ଦର ଗଳ୍ପ ମାଧ୍ୟମରେ ମଧ୍ୟ ଏକ ଶ୍ରେଷ୍ଠ ଉଦାହରଣ ବେ !ଲି କହି ଥିଲେ! ମାନନୀୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ଦାମୋଦର ମେ !ଦିଙ୍କ ନଶା ନୁହେଁ ---- ନବ ଭାରତ ଗଠନରେ ଯୁବ ଶକ୍ତି ର ଅବଦାନ ହେଉଙ୍କ 'ସଶକ୍ତ ଯୁବ ସମୃଦ୍ଧ ଭାରତ ବୋଲି କହିଥିଲେ! ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅଶୋ କ କୁମାର ରଥ ନଶାମୁକ୍ତ ସମାଜ ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ! ଆଧ୍ୟାପକ ଜ୍ଞାନ ରଂଜନ ଜେନା, ଅଧ୍ୟାପକ ମାନସ କୁମାର ଦେ,ନିରଂଜନ ପରିଡା, ବିରଜେଶ ସେନା ପତି, ସେ !ମ୍ୟରଂଜନ ମହନ୍ତି, ଧନଂଜୟ ଜେନା, ଆଶୁତେ !ଷ ପାତ୍ର, ପୂଜା ଦାସ,ଅଧ୍ୟାପିକା ଶୁଭଶ୍ରୀ ଦାସ ବକ୍ତବ୍ୟ ରେ କହିଥିଲେ ନିଶା ଛାଡନ୍ତୁ ଜୀବନ ବଂଚା ନ୍ତୁ,ସୁସ୍ଥ ରହନ୍ତୁ ସକ୍ଷମ ହୁଅନ୍ତୁ, ଶିକ୍ଷା ଗ୍ରହଣ କରନ୍ତୁ ସମୂହ ସାକାର କରନ୍ତୁ, ସମାଜ ଗଡ ନ୍ତୁ ଦେଶ ଗଡନ୍ତୁ! ସର୍ବ ଶେଷ ରେ ସମ ସ୍ତେ ନିଶାକୁ ନା କହି ସପଥ ଗ୍ରହଣ କରିଥିଲେ! ଗତକାଲି ଅନୁ ଷ୍ଠିତ ହେ !ଇଥିବା ନିର୍ବାଚନ ପରିପେକ୍ଷୀ ରେ ପଥମେ ନାମ ଘେ !ଷଣା କରିଥିଲେ! ଅଧ୍ୟକ୍ଷ ସରେ !ଜ କୁମାର ମହାନ୍ତି ଓ ମଂଚ ରେ ମୁଖ୍ୟ ଅତିଥି ସତ୍ୟ ମୟ ଆଚାର୍ଯ୍ୟ ଓ ମୁଖ୍ୟ ବକ୍ତା ଡ ଅଜିତ କୁମାର ମହାନ୍ତି କଂ ଦ୍ୱାରା ସମସ୍ତ ନ୍ର୍ବାଚିଦ ପ୍ରତି ନିଧି କୁଂ ସମ୍ବର୍ଦ୍ଧନା କରାଯାଇ ଥିଲା !ଏହି ଆଲୋ ଚନା କାର୍ଯ୍ୟକ୍ରମ ଏନ ଏସ ଏସ ର ପ୍ରଧମ ବେ !ଲି ଘେ !ଷଣା ହେଲା! ପରବର୍ତୀ ପର୍ଯ୍ୟା ୟରେ ସମସ୍ତ କଲେଜ ମାନ ଙ୍କରେ ଏହି କାର୍ଯ୍ୟକ୍ରମ ଧରି ଚାଲୁରହିବ ବେ !ଲି ଘେ !ଷଣା ହୋଇଥିଲା ! ଧନ୍ୟବାଦ ଅର୍ପଣ କରି ଥିଲେ ଅଧ୍ୟାପକ ଅଶୋକ କୁମାର ରଥ !

# ଡାଇରେକ୍ଟ ପୋଷ୍ଟ ଓ ମିଡିଆ ପୋଷ୍ଟ ସେବା ମାଧ୍ୟମରେ ବ୍ୟବସାୟକୁ ପ୍ରୋତ୍ସାହନ ଦେବ ଡାକ ବିଭାଗ: କର୍ଣ୍ଣେଲ ବିନୋଦ କୁମାର

ବ୍ରହ୍ମପୁର (ନି.ପ୍ର.): ବ୍ୟବସାୟୀ, ଉଦ୍ୟୋଗୀ ଓ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଡାକ ବିଭାଗର ସେବା ସହ ଯୋଡ଼ିବା ଏବଂ ସେମାନଙ୍କ ବ୍ୟବସାୟର ପ୍ରଚାର ପ୍ରସାର ପାଇଁ ଡାଇରେକ୍ଟ ପୋଷ୍ଟ ଓ ମିଡିଆ ପୋଷ୍ଟ ସେବାକୁ ଅଧିକ ଲୋକପ୍ରିୟ କରାଯିବ । ଏହି ଉଦ୍ଦେଶ୍ୟରେ ବ୍ରହ୍ମପୁର ଡାକ ମଣ୍ଡଳରେ ପୋଷ୍ଟମାଷ୍ଟର ଜେନେରାଲ କର୍ଣ୍ଣେଲ ବିନୋଦ କୁମାରଙ୍କ ଅଧ୍ୟକ୍ଷତାରେ ଏକ ବ୍ୟବସାୟିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବ୍ୟବସାୟୀ, ଚୁକ୍ତିଭିତିକ ଗ୍ରାହକ ଓ ସମ୍ଭାବ୍ୟ ଗ୍ରାହକମାନେ ଯୋଗଦେଇଥିଲେ । ବୈଠକରେ କର୍ଣ୍ଣେଲ ବିନୋଦ କୁମାର ଡାକ ବିଭାଗର ବିଭିନ୍ନ ସେବା ଯଥା ଚିଠି ଓ ପାର୍ସଲ ପରିବହନ, ସଂଚୟ ଯୋଜନା, ବୀମା ଏବଂ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସେବା ସମ୍ପର୍କରେ ଅବଗତ କରାଇଥିଲେ । ବିଶେଷକରି ଡାଇରେକ୍ଟ ପୋଷ୍ଟ ଓ ମିଡିଆ ପୋଷ୍ଟ ସେବା ମାଧ୍ୟମରେ ବ୍ୟବସାୟୀମାନେ ନିଜ ଉତ୍ପାଦ ଓ ସେବାର ପ୍ରଚାର କରି ଅଧିକ ଗ୍ରାହକଙ୍କ ନିକଟରେ ପହଂଚିପାରିବେ ବୋଲି ସେ କହିଥିଲେ । ଏହି ବୈଠକରେ ଗଞ୍ଜାମ ଚାମ୍ବର ଅଫ୍ କମର୍ସର ସଭାପତି ଭି. ସନ୍ତୋଷ କୁମାର, ଟି. ରାହୁଲ, ଟି. ତ୍ରିପତି ପାତ୍ର, ନିର୍ମାଣ ଇନଷ୍ଟିଚ୍ୟୁଟର ନିରଞ୍ଜନ ଗୌଡ଼, ଜାନକୀ କମ୍ପ୍ୟୁଟର୍ସର ଦେବକାନ୍ତ ପାତ୍ର, ମା' ପାଲକାସୁଣୀ ଏଜେନ୍ସିର ପ୍ରଦୀପ କୁମାର ସାହୁ, ମା' ବାଙ୍କେଶ୍ୱରୀ ଏଜେନ୍ସିର ସୁଶାନ୍ତ ସନାବଡ଼, ଗୋପୀନାଥ ଏସ୍ ?ଏଚ୍ ?ଜିର ଦୀପ୍ତିମୟୀ ପାଣିଗ୍ରାହୀ, ଉଦ୍ୟୋଗୀ ସ୍ୱନ୍ଦନିକା ପାଢ଼ୀ, ବ୍ୟବସାୟୀ କାରେଶ ପାଣିଗ୍ରାହୀ, କେ.କେ. କମ୍ପ୍ୟୁଟର୍ସର କାହ୍ନୁ ଚରଣ ସାହୁ ଏବଂ ତାରାତାରିଣୀ ପୁସ୍ତକ ଭଣ୍ଡାରର ହରିଶ ଚୌଧୁରୀଙ୍କ ସମେତ ଅନ୍ୟ ବ୍ୟବସାୟୀ ଓ ଗ୍ରାହକମାନେ ଉପସ୍ଥିତ ଥିଲେ । କର୍ଣ୍ଣେଲ ବିନୋଦ କୁମାର ଜୁନ୍ ୨୦୨୬ରେ ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜରେ ପ୍ରଶିକ୍ଷଣ ସମାପ୍ତ କରିଥିବା ଅଗ୍ନିବୀରମାନଙ୍କ ଟ୍ରଙ୍କ ଓ ଅନ୍ୟାନ୍ୟ ସାମଗ୍ରୀ ପରିବହନ ପାଇଁ ଆୟୋଜିତ ସ୍ୱତନ୍ତ୍ର ପାର୍ସଲ ବୁକିଂ ଶିବିର ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲେ । ଡାକ ବିଭାଗର ଏହି ପଦକ୍ଷେପକୁ ଉପସ୍ଥିତ ବ୍ୟକ୍ତିମାନେ ପ୍ରଶଂସା କରିଥିଲେ । ବ୍ରହ୍ମପୁର ଡାକ ମଣ୍ଡଳରେ ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୯୯ ପ୍ରତିଶତର ସମାଧାନ କରାଯାଇଥିବା ସେ ସୂଚନା ଦେଇଥିଲେ । ପୂର୍ବବର୍ଷ ତୁଳନାରେ ଡାକ ମଣ୍ଡଳର କାର୍ଯ୍ୟଦକ୍ଷତାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିବା ଦର୍ଶାଇ ସେ କହିଥିଲେ ଯେ ଆଧାର ସମ୍ବନ୍ଧୀୟ ସେବାରେ ୨୮୯ ପ୍ରତିଶତ, ସ୍ପିଡ୍ ପୋଷ୍ଟରେ ୨୧୬ ପ୍ରତିଶତ, ପାର୍ସଲ ସେବାରେ ୧୬୦ ପ୍ରତିଶତ, ଡାକଘର ସଂଚୟ ବ୍ୟାଙ୍କର ନିଟ୍ ଖାତା ସଂଖ୍ୟାରେ ୨୪୬ ପ୍ରତିଶତ ଏବଂ ଡାକ ଜୀବନ ବୀମା ଓ ଗ୍ରାମୀଣ ଡାକ ଜୀବନ ବୀମା ପ୍ରିମିୟମରେ ୧୩୯ ପ୍ରତିଶତ ବୃଦ୍ଧି ହୋଇଛି ।ବୈଠକରେ ଯୋଗଦେଇଥିବା ୨୨ ବର୍ଷୀୟ ଅଳଙ୍କାର ବ୍ୟବସାୟୀ ତଥା ଉଦ୍ୟୋଗୀ ସ୍ୱନ୍ଦନିକା ପାଢ଼ୀ ନିଜ ଅନୁଭୂତି ବାଂଟିଥିଲେ । ସ୍ପିଡ୍ ପୋଷ୍ଟ ଶୁଳ୍କରେ ସମ୍ପ୍ରତି ହୋଇଥିବା ପରିବର୍ତ୍ତନକୁ ନେଇ ସେ ପ୍ରଥମେ ଚିନ୍ତା ପ୍ରକାଶ କରିଥିଲେ । ତେବେ ଘରୋଇ କୋରିଅର ସେବାର ଦର ସହ ତୁଳନା କରିବା ପରେ ଡାକ ବିଭାଗର ସେବା ଅଧିକ ସୁଲଭ ଥିବା ଜାଣି ସେ ସନ୍ତୋଷ ପ୍ରକାଶ କରିଥିଲେ । ବ୍ରହ୍ମପୁର ଆରଏମ୍ଏସ୍ କାଉଂଟରର କର୍ମଚାରୀମାନଙ୍କ ସହଯୋଗପୂର୍ଣ୍ଣ ଓ ଭଦ୍ର ବ୍ୟବହାରକୁ ମଧ୍ୟ ସେ ପ୍ରଶଂସା କରିଥିଲେ । ଏହାର ଉତରରେ କର୍ଣ୍ଣେଲ ବିନୋଦ କୁମାର କହିଥିଲେ ଯେ ଡାକ ବିଭାଗ ଛୋଟ ଉଦ୍ୟୋଗୀଙ୍କଠାରୁ ଆରମ୍ଭ କରି ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ପର୍ଯ୍ୟନ୍ତ ସମସ୍ତଙ୍କୁ ସହଯୋଗ କରିବାକୁ ପ୍ରତିବଦ୍ଧ । ଚାମ୍ବର ଅଫ୍ କମର୍ସର ପ୍ରତିନିଧିମାନେ ଅଧିକ ବ୍ୟବସାୟୀଙ୍କୁ ଡାକ ବିଭାଗ ସହ ଯୋଡ଼ିବା ପାଇଁ ସହଯୋଗ କରିବାକୁ ସମ୍ମତି ପ୍ରକାଶ କରିଥିଲେ । ଗତବର୍ଷ ଡାଇରେକ୍ଟ ପୋଷ୍ଟ ଓ ମିଡିଆ ପୋଷ୍ଟରୁ କୌଣସି ରାଜସ୍ୱ ମିଳିନଥିବା ବେଳେ ସେପ୍ଟେମ୍ବର ୨୦୨୬ ସୁଦ୍ଧା ଡାଇରେକ୍ଟ ପୋଷ୍ଟରୁ ୪୫,୨୬୪ ଟଙ୍କା ଏବଂ ମିଡିଆ ପୋଷ୍ଟରୁ ୨,୭୨,୨୦୨ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା କର୍ଣ୍ଣେଲ ସୂଚନା ଦେଇଥିଲେ । ଏହି ସେବାଗୁଡ଼ିକର ଅଧିକ ପ୍ରଚାର ପ୍ରସାର ସହ ଡିଜିଟାଲ ଓ ଅଣ-ଡିଜିଟାଲ ସେବା ମଧ୍ୟରେ ଥିବା ଦୂରତା ହ୍ରାସ କରିବାକୁ ଉପସ୍ଥିତ ବ୍ୟବସାୟୀମାନେ ମତ ଦେଇଥିଲେ । ଏହା ସହିତ ଦୋକାନ, ଗୋଦାମ, କାରଖାନା ଓ ହୋଲସେଲ୍ ବଜାରରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ଅଟଳ ପେନ୍ ?ସନ୍ ଯୋଜନା ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା । ଗ୍ରାହକ ସନ୍ତୁଷ୍ଟି ଓ ଅଭିଯୋଗର ତ୍ୱରିତ ସମାଧାନକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ଏବଂ ସେବାରେ କୌଣସି ଅବହେଳା ବରଦାସ୍ତ କରାଯିବ ନାହିଁ ବୋଲି କର୍ଣ୍ଣେଲ ବିନୋଦ କୁମାର ସ୍ପଷ୍ଟ କରିଥିଲେ । ଶେଷରେ ସେ କହିଥିଲେ ଯେ ଭାରତୀୟ ଡାକ ବିଭାଗ ସମସ୍ତ ଅଂଶୀଦାରଙ୍କ ସହଯୋଗରେ ଉନ୍ନତ ଓ ଗ୍ରାହକ-କୈନ୍ଦ୍ରିକ ସେବା ପ୍ରଦାନ ପାଇଁ କାର୍ଯ୍ୟ କରୁଛି । ପ୍ରଧାନମନ୍ତ୍ରୀଙ୍କ "ଡାକ ସେବା, ଜନ ସେବା" ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଡାକ ବିଭାଗ ପ୍ରତିବଦ୍ଧ ବୋଲି ସେ କହିଥିଲେ । ବୈଠକରେ ଯୋଗଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ କର୍ଣ୍ଣେଲ ବିନୋଦ କୁମାର ସେମାନଙ୍କୁ ସମ୍ମାନିତ କରିଥିଲେ ।




# ସ୍ୱର୍ଗତ ନଟବର ବନଛୋରଙ୍କ ୩୯ତମ ପୁଣ୍ୟତିଥି ପାଳିତ

ଝାରସୁଗୁଡ଼ା(ନି.ପ୍ର.)ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ ସୀମାନ୍ତ ଗ୍ରାମ କଣ୍ଡେଇକେଲା ଠାରେ ଭଟଲି ନିର୍ବାଚନମଣ୍ଡଳୀର ପ୍ରଥମ ବିଧାୟକ ସ୍ୱର୍ଗତ ନଟବର ବନଛୋରଙ୍କ ୩୯ତମ ପୁଣ୍ୟତିଥି ପାଳିତ ହୋଇଯାଇଛି । ଏହି ଅବସରରେ ତାଙ୍କ ଜନ୍ମମାଟିରେ ସ୍ଥାପିତ ପ୍ରତିମୂର୍ତ୍ତିରେ ବିଭିନ୍ନ ବର୍ଗର ଲୋକେ ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ । ଗତବର୍ଷ ଜନସାଧାରଣଙ୍କ ଅନୁଦାନରେ ଏହି ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା ।ସ୍ୱର୍ଗତ ବନଛୋର ୧୯୫୭ ମସିହାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରାର୍ଥୀ ଭାବେ ବିଧାୟକ ନିର୍ବାଚିତ ହୋଇଥିଲେ । ହୀରାକୁଦ ବିସ୍ଥାପିତଙ୍କ ସମସ୍ୟା, ଲଛିପାଲି ଫାର୍ମ ବିରୋଧୀ ଆନ୍ଦୋଳନ ଓ ସାହୁକାର ବିରୋଧୀ ସଂଗ୍ରାମ ସମେତ କୃଷକ ଓ ଶ୍ରମିକଙ୍କ ହକ୍ ପାଇଁ ସେ ଜୀବନବ୍ୟାପୀ ସଂଘର୍ଷ କରିଥିଲେ । ଜନସାଧାରଣଙ୍କ ଅଧିକାର ଓ ଶୋଷିତ ବର୍ଗଙ୍କ ସ୍ୱାର୍ଥରକ୍ଷା ପାଇଁ ତାଙ୍କର ଅବଦାନ ଆଜି ମଧ୍ୟ ସ୍ମରଣୀୟ ହୋଇରହିଛି ।ଏହି ଶ୍ରଦ୍ଧାଞ୍ଜଳି ସଭାରେ ବର୍ଷୀୟାନ କମ୍ୟୁନିଷ୍ଟ କର୍ମୀ ଗୁଣନିଧି ପ୍ରଧାନ, ସୁରେଶ ବାରିକ, ବିପିନ ବାରିକ, ସୂର୍ଯ୍ୟକୁମାର ବଞ୍ଛୋର, ସୁଶୀଲ ପ୍ରଧାନ, ସୁଦାମା ପ୍ରଧାନ, ଜୟନ୍ତ ପ୍ରଧାନ, କୈଳାସ ବାରିକ, ସୁବାସ ପ୍ରଧାନ, ଅଶ୍ୱିନୀ ବନଛୋର ଏବଂ ବରିଷ୍ଠ ଶିକ୍ଷକ ତଥା କବି ରମେଶ ପସାଏତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ବନଛୋରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# 'ବିଶ୍ୱାସ 'ର ସ୍ୱନକ୍ଷତ୍ର ଉତ୍ସବ ଓ ଶାରଦୀୟ ପୂଜା ସଂଖ୍ୟା ଲୋକାର୍ପିତ

କଟକ : (ନି.ପ୍ର) ପାକ୍ଷିକ ସମ୍ବାଦପତ୍ର 'ବିଶ୍ୱାସ ' ର ୨୩ତମ ସ୍ୱନକ୍ଷତ୍ର ଉତ୍ସବ ସମାରୋହମର୍କତ ନଗର ସେକ୍ଟର - ୯ ସ୍ଥିତ ରାଇସିନା ମଣ୍ଡପର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଲୋକଙ୍କୁ ସଚେତନ କରାଇବା ସହ ଭାଷା ଓ ସାହିତ୍ୟ ର ସୁରକ୍ଷା ତଥା ସମୃଦ୍ଧି କ୍ଷେତ୍ରରେ ସମ୍ବାଦପତ୍ର ଗୁଡିକର ପ୍ରମୁଖ ଭୂମିକା ରହିଛି ବୋଲି କହି ଥିଲେ । ଗଣମାଧ୍ୟମ ସଂସ୍ଥା ଗୁଡିକ ନିରପେକ୍ଷତା, ନିର୍ଭିକତା ଓ ବିଶ୍ୱାସନିୟତା ବଜାୟ ରଖିବାକୁ ସେମାନେ ଆହ୍ୱାନ ଜଣାଇ ଥିଲେ ।ପ୍ରଫେସର ଡ଼ଃ ଶୈଳଜା ନନ୍ଦିନୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଡ଼ଃ ଲିପିକା ନାୟକ, ଡ଼ଃ ସୁଧାମୟୀ ବେହୁରା, ଅଧ୍ୟାପିକା ବିଦ୍ୟୁତ କୁମାରୀ ଲାଲା, ସୁଲେଖିକା ସୌଭାଗିନୀ ବେହେରା ପ୍ରମୁଖ ଅତିଥିରୂପେ ଯୋଗଦେଇ ଉଦବୋଧନ ଦେଇଥିଲେ । 'ବିଶ୍ୱାସ'ର ସଂପାଦିକା କସ୍ତୁରୀ ରାୟ ବିବରଣୀ ପାଠ କରିଥିଲେ ।ଏହି ଅବସରରେ କବିତା ପ୍ରଧାନଙ୍କୁ 'ବିଶ୍ୱାସ ' ସାରସ୍ୱତ ପ୍ରତିଭା ସମ୍ମାନ ' ଓ ଜନସେବିକା ସ୍ମୃତିବାଳା ନାୟକଙ୍କୁ 'ସ୍ୱର୍ଣ୍ଣଲତା ସେବା ରତ୍ନ ସମ୍ମାନ ' ପ୍ରଦାନ କରାଯାଇଥିଲା । ଡ଼ଃ ସୁଚେତା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସୁଜାତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



## ଏନ୍ଏସ୍ଜି ପ୍ରତିଷ୍ଠା ଦିବସରେ ଯବାନଙ୍କ ସାହସ ଓ କର୍ତବ୍ୟନିଷ୍ଠାକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ଜାତୀୟ ସୁରକ୍ଷା ଗାର୍ଡ (ଏନ୍ଏସ୍ଜି)ର ୪୨ତମ ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଳର ଯବାନମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆତଙ୍କବାଦ ବିରୋଧରେ ସେମାନଙ୍କ ସତର୍କତା, ସାହସ ଏବଂ କର୍ତବ୍ୟ ପ୍ରତି ଅତୁଟ ପ୍ରତିବଦ୍ଧତାର ଉଚ୍ଚ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ନିଜ ବାର୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏନ୍ଏସ୍ଜି ଯବାନମାନେ ସାହସ, ନିଖୁଣତା ଏବଂ କର୍ତବ୍ୟ ପ୍ରତି ଅତୁଟ ସମର୍ପଣର ପ୍ରତୀକ । ଆତଙ୍କବାଦ ବିରୋଧରେ ସେମାନଙ୍କ ନିରନ୍ତର ସତର୍କତା ଏବଂ ଦେଶର ନାଗରିକଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସମ୍ପତିର ସୁରକ୍ଷା ପାଇଁ ସେମାନଙ୍କ ସର୍ବଦା ପ୍ରସ୍ତୁତି ଦେଶବାସୀଙ୍କ ମନରେ ଅପାର ବିଶ୍ୱାସ ଓ ଗର୍ବର ଭାବନା ସୃଷ୍ଟି କରେ । ଉଲ୍ଲେଖଯୋଗ୍ୟ, ଜାତୀୟ ସୁରକ୍ଷା ଗାର୍ଡ ଦେଶର ଏକ ସ୍ୱତନ୍ତ୍ର ଆତଙ୍କବାଦ ବିରୋଧୀ ବଳ । ଏହା ସାଧାରଣତଃ 'ବ୍ଲାକ୍ କ୍ୟାଟ୍ସ' ନାମରେ ପରିଚିତ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏହି ବଳ ଆତଙ୍କବାଦର ମୁକାବିଲା ଏବଂ ସ୍ୱତନ୍ତ୍ର ସୁରକ୍ଷା ଅଭିଯାନ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ।

## ବିଦାୟୀ ରାଜ୍ୟପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଭୁବନେଶ୍ୱର ବିମାନବନ୍ଦରରେ ରାଜ୍ୟର ବିଦାୟୀ ରାଜ୍ୟପାଳ ଡ. ହରିବାବୁ କମ୍ଭମପାର୍ଟିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ବିକାଶ ପାଇଁ ତାଙ୍କର ମାର୍ଗଦର୍ଶନ ସର୍ବଦା ଅବିସ୍ମରଣୀୟ ହୋଇ ରହିବ । ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ନିରାମୟ ତଥା ମଙ୍ଗଳମୟ ଜୀବନ ପ୍ରଦାନ କରନ୍ତୁ ।

## ବିଶ୍ୱ ଖାଦ୍ୟ ଦିବସରେ ଖାଦ୍ୟ ନଷ୍ଟ ନକରିବାକୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ବିଶ୍ୱ ଖାଦ୍ୟ ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଅନ୍ନଦାତା ଚାଷୀଙ୍କ ପ୍ରତି ହୃଦୟରୁ କୃତଜ୍ଞତା ପ୍ରକାଶ କରିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ସମସ୍ତଙ୍କୁ ପୁଷ୍ଟିକର ଖାଦ୍ୟ ଉପଲବ୍ଧ କରାଇବା ଏବଂ ରାଜ୍ୟରୁ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ରାଜ୍ୟ ସରକାର ଦୃଢ଼ ପ୍ରତିବଦ୍ଧ ବୋଲି ସେ କହିଛନ୍ତି । ଏକ୍ସ ମାଧ୍ୟମରେ ନିଜର ବାର୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଖାଦ୍ୟ ନଷ୍ଟ ନକରିବା ପାଇଁ ଆମେ ସମସ୍ତେ ସଂକଳ୍ପ ନେବା ଆବଶ୍ୟକ । ଏଥିସହ ଏକ ସୁସ୍ଥ, ସମୃଦ୍ଧ ଓ ସମୃଦ୍ଧିଶାଳୀ ଓଡ଼ିଶା ଗଠନରେ ପ୍ରତ୍ୟେକ ନାଗରିକ ସକ୍ରିୟ ଯୋଗଦାନ ଦେବାକୁ ସେ ଆହ୍ୱାନ ଦେଇଛନ୍ତି । ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ, ନିରାପଦ ଓ ପୁଷ୍ଟିକର ଖାଦ୍ୟ ସୁନିଶ୍ଚିତ କରିବା ସହ ଖାଦ୍ୟର ଅପଚୟ ରୋକିବା ଦିଗରେ ସାମୂହିକ ଉଦ୍ୟମ ହିଁ ଏକ ସୁସ୍ଥ ସମାଜ ଗଠନର ମୂଳମନ୍ତ୍ର ବୋଲି ଏହି ବାର୍ତାରେ ଗୁରୁତ୍ୱାରୋପ କରାଯାଇଛି ।



# ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ମହିଳା କବାଡ଼ି ଦଳକୁ ଭେଟିଲେ ଅଶ୍ୱିନୀ ବୈଷ୍ଣବ



ନୂଆଦିଲ୍ଲୀ : କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀସ୍ଥିତ ରେଳ ଭବନଠାରେ ଭାରତୀୟ ମହିଳା କବାଡ଼ି ଦଳର ସଦସ୍ୟାମାନଙ୍କୁ ଭେଟିଛନ୍ତି । ଜାପାନର ଆଇଚି-ନାଗୋୟାଠାରେ ଅନୁଷ୍ଠିତ ୨୦୨୬ ଏସୀୟ କ୍ରୀଡ଼ାରେ ଏହି ଦଳ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି । ୨୦୨୬ ସେପ୍ଟେମ୍ବର ୨୬ରେ ଅନୁଷ୍ଠିତ ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲ୍ ମ୍ୟାଚ୍ରେ ଇରାନକୁ ୩୭-୩୪ ପଏଂଟରେ ପରାସ୍ତ କରି ଭାରତୀୟ ମହିଳା କବାଡ଼ି ଦଳ ସ୍ୱର୍ଣ୍ଣ ପଦକ ଜିତିବା ସହ ଏସୀୟ କ୍ରୀଡ଼ାରେ ନିଜ ଟାଇଟଲ୍ ବଜାୟ ରଖିଛି । ଏହି ସଫଳତା ପାଇଁ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଭାରତୀୟ ରେଳବାଇର ମହିଳା କ୍ରୀଡ଼ାବିତ୍ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଖେଳାଳିମାନଙ୍କ ନିଷ୍ଠା, ଦୃଢ଼ ସଂକଳ୍ପ ଓ ଉତ୍କୃଷ୍ଟ କ୍ରୀଡ଼ା ପ୍ରଦର୍ଶନର ପ୍ରଶଂସା କରି ସେମାନେ ତ୍ରିରଙ୍ଗାର ଗୌରବ ବୃଦ୍ଧି କରିବା ସହ ଦେଶ ପାଇଁ ସମ୍ମାନ ଆଣିଥିବା ଉଲ୍ଲେଖ କରିଛନ୍ତି । ନୀତା ମୋରେଶ୍ୱର ଦାଦୱେ ଦଳର ପ୍ରଶିକ୍ଷକ ଥିବାବେଳେ ପୁଷ୍ପା ରାଣା ଦଳର ଅଧିନାୟିକା ଥିଲେ । କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଥିବା ରେଳବାଇର କ୍ରୀଡ଼ାବିତ୍ମାନଙ୍କ ମଧ୍ୟରେ ଦକ୍ଷିଣ କେନ୍ଦ୍ରୀୟ ରେଳବାଇର ମୁଖ୍ୟ ପ୍ରଶିକ୍ଷିକା ନୀତା ମୋରେଶ୍ୱର ଦାଦୱେ, ରିତୁ ନେଗି ଓ ପିଙ୍କି ରୟ; ଉତର ରେଳବାଇର ପୂଜା ଏବଂ ପଶ୍ଚିମ ରେଳବାଇର ସୋନାଲି ବିଷ୍ଣୁ ଶିଙ୍ଗାଟେ ଓ ରାଜ ରାଣୀ ସାମିଲ ଥିଲେ । ରେଳବାଇ କ୍ରୀଡ଼ା ପ୍ରୋତ୍ସାହନ ବୋର୍ଡ ଜରିଆରେ କ୍ରୀଡ଼ା ପ୍ରତିଭାର ବିକାଶ କ୍ଷେତ୍ରରେ ଭାରତୀୟ ରେଳବାଇର ଏକ ଦୀର୍ଘ ରେକର୍ଡ ରହିଛି । ଏହାର କ୍ରୀଡ଼ାବିତମାନେ ଅଲିମ୍ପିକ୍ କ୍ରୀଡା, ବିଶ୍ୱ ଚାମ୍ପିଅନସିପ୍, ଏସୀୟ କ୍ରୀଡା ଏବଂ ରାଜ୍ୟଗୋଷ୍ଠୀ କ୍ରୀଡା ସମେତ ପ୍ରମୁଖ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି । ନିଯୁକ୍ତି ସହିତ କ୍ରୀଡ଼ା କ୍ୟାରିୟରକୁ ଅନୁସରଣ କରିବା ପାଇଁ ସଂସ୍ଥାଗତ ସମର୍ଥନ ଏବଂ ସୁଯୋଗ ମାଧ୍ୟମରେ, ଭାରତୀୟ ରେଳବାଇ ଦେଶରେ କ୍ରୀଡ଼ା ପ୍ରତିଭାର ବିକାଶରେ ଯୋଗଦାନ ଜାରି ରଖିଛି ।

# ଭୁବନେଶ୍ୱରରେ ସ୍ୱଚ୍ଛତା ଉତ୍ସବର ଭବ୍ୟ ଆୟୋଜନ




ଭୁବନେଶ୍ୱର : ରାଜଧାନୀ ଭୁବନେଶ୍ୱର ଠାରେ ପ୍ରଥମ ଥର ପାଇଁ 'ସ୍ୱଚ୍ଛତା ଉତ୍ସବ' ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ୱାର୍ଲ୍ଡ ଓଡ଼ିଶା ସୋସାଇଟି (ୱାଓସୋ) ଏବଂ ବି.ଏମ୍. ଫାଉଣ୍ଡେସନ (ବିଏମଏଫ) ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ବିଶ୍ୱକୁ ଅଧିକ ସ୍ୱଚ୍ଛ ଓ ସବୁଜ କରିବା ଲକ୍ଷ୍ୟରେ ଉଭୟ ସଂଗଠନ ପକ୍ଷରୁ ହାତକୁ ନିଆଯାଇଥିବା ସ୍ୱଚ୍ଛତା ଅଭିଯାନଗୁଡ଼ିକୁ ପ୍ରମୁଖତାର ସହ ଉପସ୍ଥାପନ କରାଯାଇଥିଲା । ଏହି ସମାବେଶରେ ଶତାଧିକ ସଂଖ୍ୟାରେ ବିଶ୍ୱର ବିଭିନ୍ନ ସ୍ଥାନରୁ ବିଶିଷ୍ଟ ସମୁଦାୟ ନେତୃବୃନ୍ଦ, ସମାଜସେବୀ, ସାମାଜିକ ଗଣମାଧ୍ୟମର ପ୍ରଭାବଶାଳୀ ବ୍ୟକ୍ତିତ୍ୱ, ସ୍ୱେଚ୍ଛାସେବୀ, ଏବଂ ୱାଓସୋ ଓ ବିଏମଏଫର ପଦାଧିକାରୀ ତଥା ସଦସ୍ୟମାନେ ପ୍ରତ୍ୟକ୍ଷ ଓ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ବିଶିଷ୍ଟ ଅତିଥି ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ଓଡ଼ିଶା ରାଜ୍ୟ ବିଜେପିର ଉପସଭାପତି ଗୋଲକ ମହାପାତ୍ର, ୱାଓସୋର ପ୍ରତିଷ୍ଠାତ୍ରୀ ଡ଼ଃ ଅରୁନ୍ଧତୀ ଦେବୀ,ମହାସଚିବ ଶିବ ରଂଜନ ବିଶ୍ୱାଳ, ସାଧାରଣ ସମ୍ପାଦକ ଉମାକାନ୍ତ ଜେନା ଏବଂ କୁଏତ ଅଧ୍ୟାୟର ସଭାପତି ବିଶ୍ୱ ରଞ୍ଜନ ସାହୁ ମହାତ୍ମା ଗାନ୍ଧୀଙ୍କ ସମୟରୁ ଆରମ୍ଭ ହୋଇ ବର୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ପର୍ଯ୍ୟନ୍ତ ଦେଶର ସ୍ୱଚ୍ଛତା ଅଭିଯାନର ଯାତ୍ରା ଉପରେ ଆଲୋକପାତ କରିଥିଲେ । ମହାତ୍ମା ଗାନ୍ଧୀ ଭାରତରେ ସ୍ୱଚ୍ଛତାର ସଂସ୍କୃତିର ମୂଳଦୁଆ ପକାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅଭିଯାନକୁ ଆହୁରି ଆଗକୁ ନେଇ ଏକ ଜାତୀୟ ଜନଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ସେମାନେ କହିଥିଲେ । 'ସ୍ୱଚ୍ଛ ଭାରତ, ସମୃଦ୍ଧ ଭାରତ'ର ବାର୍ତାକୁ ଦେଶର ପ୍ରତ୍ୟେକ ଘରେ ପହଂଚାଇବାରେ ଏହି ଅଭିଯାନ ସଫଳ ହୋଇଥିବା ସେମାନେ ମତବ୍ୟକ୍ତ କରିଥିଲେ । ଏଥିସହ ସମାଜରେ ସ୍ୱଚ୍ଛତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଦିଗରେ ୱାଓସୋ ଓ ବିଏମଏଫର ନିଷ୍ଠାପର ଉଦ୍ୟମକୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ । ସ୍ୱାଗତ ଭାଷଣ ପ୍ରଦାନ କରି ୱାଓସୋ ର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ବିଶ୍ୱବ୍ୟାପୀ ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଦିଗରେ ୱାର୍ଲ୍ଡ ଓଡ଼ିଶା ସୋସାଇଟିର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଥିଲେ । ବିଏମଏଫର ଅଧ୍ୟକ୍ଷ ଡକ୍ଟର ବ୍ରଜ ପଣ୍ଡା ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତାର ଉପଯୋଗିତା, ଆବଶ୍ୟକତା ଓ ଉପକାରିତାକୁ ପ୍ରଚାର, ପ୍ରସାର ଏବଂ ଲୋକପ୍ରିୟ କରିବା 'ସ୍ୱଚ୍ଛତା ଉତ୍ସବ'ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ନିଜ ବକ୍ତବ୍ୟରେ ଦର୍ଶାଇଥିଲେ । ଏହି ଅବସରରେ ଅତିଥି ଓ ଅଂଶଗ୍ରହଣକାରୀମାନେ ସ୍ୱଚ୍ଛତାର ଶପଥ ଗ୍ରହଣ କରିଥିଲେ । ସେମାନେ ସ୍ୱାସ୍ଥ୍ୟକର ଓ ପରିଚ୍ଛନ୍ନ ଜୀବନଶୈଳୀ ଅନୁସରଣ କରିବା, ସର୍ବସାଧାରଣ ସ୍ଥାନଗୁଡ଼ିକୁ ସଫା ରଖିବା, ସବୁଜ ପରିବେଶର ସୁରକ୍ଷା କରିବା ଏବଂ ବୈଦ୍ୟୁତିକ ବର୍ଜ୍ୟବସ୍ତୁର ସୁରକ୍ଷିତ ନିଷ୍କାସନ ସୁନିଶ୍ଚିତ କରିବା ପାଇଁ ସଂକଳ୍ପ ନେଇଥିଲେ । ସମାଜରେ ସ୍ୱଚ୍ଛତା ବଜାୟ ରଖିବା ଏବଂ ପରିବେଶକୁ ପରିଚ୍ଛନ୍ନ କରିବା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଉତ୍ସବରେ ଗୋଟିଏ ଅନୁଷ୍ଠାନ ଓ ୧୭ ଜଣ ବ୍ୟକ୍ତିବିଶେଷଙ୍କୁ 'ସ୍ୱଚ୍ଛତା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ସମ୍ମାନିତ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଙ୍କ ମଧ୍ୟରେର ହର୍ଲ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶିବ ପ୍ରସାଦ ମହାନ୍ତି, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଉତ୍କଳ ଗ୍ରୁପ୍ ?ର ଅଧ୍ୟକ୍ଷ ସୁରେଶ ମିଶ୍ର, ଆଇଏମଟି ପୁରୀର ନିର୍ଦ୍ଦେଶକ ମନୋଜ ରଥ, ରୋଟାରୀର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର, ବିଶିଷ୍ଟ ଶିଳ୍ପଦ୍ୟୋଗୀ ପ୍ରଦ୍ୟୁମ୍ନ ଜେନା, କେନ୍ଦୁଝରର ବିଡିଓ ରାଜା ରଣଜିତ ପ୍ରତାପ ବଳ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।

# ଏମ୍ସ ଭୁବନେଶ୍ୱରରେ ସ୍ତନ କର୍କଟ ସଚେତନତା ମାସ ପାଳନ




ଭୁବନେଶ୍ୱର : ସ୍ତନ କର୍କଟ ସମ୍ବନ୍ଧୀୟ ସଚେତନତା ବୃଦ୍ଧି କରିବା, ରୋଗକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ କରିବାକୁ ଉତ୍ସାହିତ କରିବା ଏବଂ ମହିଳାମାନଙ୍କୁ ନିଜ ସ୍ତନ ସ୍ୱାସ୍ଥ୍ୟ ପ୍ରତି ସଚେତନ ଓ ସକ୍ଷମ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି ଏମ୍ସ ଭୁବନେଶ୍ୱର । ଏହି ଜାତୀୟ ସ୍ୱାସ୍ଥ୍ୟପ୍ରତିଷ୍ଠାନର ମେଡିକାଲ୍ ଅଙ୍କୋଲୋଜି ବିଭାଗରେଏକ 'ସ୍ତନ ସ୍ୱୟଂ-ପରୀକ୍ଷଣ' (ବିଏସଇ) ବୁଥ୍ ଉଦ୍‌ଘାଟିତ ହୋଇଛି । ଭାରତରେ ସ୍ତନ ସ୍ୱୟଂ-ପରୀକ୍ଷଣ ପାଇଁ ଏହା ଏହି ଧରଣର ପ୍ରଥମ ପୋର୍ଟେବଲ୍ ବୁଥ୍ ଅଟେ । 'ସ୍ତନ କର୍କଟ ସଚେତନତା ମାସ' ପାଳନ ଅବସରରେ ଏହି ବୁଥ୍କୁ ଉଦ୍‌ଘାଟନ କରି, ଏମ୍ସଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ରୋଗକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ କରିବା ଦ୍ୱାରା ଚିକିତ୍ସାର ଫଳାଫଳ ବହୁତ ଭଲ ମିଳିଥାଏ ବୋଲି ମତ ପ୍ରକାଶ କରିଥିଲେ । ସ୍ତନକର୍କଟ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି, ଠିକ୍ ସମୟରେ ଡାକ୍ତରୀ ପରାମର୍ଶ ଏବଂ ସ୍ତନ ସ୍ୱୟଂ-ପରୀକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ମହିଳାମାନଙ୍କ ଶରୀରରେ ଦେଖାଦେଉଥିବା ଅସ୍ୱାଭାବିକ ପରିବର୍ତନଗୁଡ଼ିକୁ ଚିହ୍ନଟ କରିବା ଏବଂ ବିଳମ୍ବ ନକରି ଡାକ୍ତରୀ ପରାମର୍ଶ ନେବା ନିମନ୍ତେଡ. ବିଶ୍ୱାସ ପରାମର୍ଶ ଦେଇଥିଲେ । ନୂତନ ଭାବରେ ଉଦ୍‌ଘାଟିତ ହୋଇଥିବା ପୋର୍ଟେବଲ୍ ବିଏସଇବୁଥ୍ ମହିଳାମାନଙ୍କୁ ଏହାର କାନ୍ଥରେ ପ୍ରଦର୍ଶିତ, ସହଜରେ ଅନୁସରଣ କରିବାକୁ ଥିବା ନିର୍ଦ୍ଦେଶାବଳୀ ମାଧ୍ୟମରେ ସ୍ତନ ଆତ୍ମପରୀକ୍ଷା ସହିତ ଜଡିତ ପଦକ୍ଷେପଗୁଡ଼ିକ ଶିଖିବା ପାଇଁ ଏକ ବ୍ୟକ୍ତିଗତ ଗୋପନୀୟ ସ୍ଥାନ ପ୍ରଦାନ କରେ । ଏହି ରୋଗକୁ ନେଇ ମନରେ ଥିବା ଦ୍ୱନ୍ଦ୍ୱଦୂର କରିବା, ସ୍ତନ ସ୍ୱାସ୍ଥ୍ୟ ପ୍ରତି ସଚେତନତା ବୃଦ୍ଧି କରିବା ଏବଂ ମହିଳାମାନେ କୌଣସି ଅସ୍ୱାଭାବିକ ପରିବର୍ତନ ଲକ୍ଷ୍ୟ କଲେ ତୁରନ୍ତ ଡାକ୍ତରୀ ପରାମର୍ଶ କରିବାକୁ ଉତ୍ସାହିତ କରିବା ଏହି ବ୍ୟବସ୍ଥାର ଲକ୍ଷ୍ୟ ଅଟେ ।

# ଇ-ବର୍ଜ୍ୟ ପରିଚାଳନା ଉପରେ ଗୁରୁତ୍ୱ ଦେଇ ସ୍ୱଚ୍ଛତା ଅଭିଯାନ ଜାରି ରଖିଛି ପୂର୍ବତଟ ରେଳପଥ




ଭୁବନେଶ୍ୱର : ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛତା ପକ୍ଷ ୨୦୨୬ ଏବଂ ସ୍ୱତନ୍ତ୍ର ଅଭିଯାନ ୬.୦ ଅଧୀନରେ ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରାଯାଉଛି । ଏହି ଅଭିଯାନରେ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁ (ଇ-ବର୍ଜ୍ୟ)ର ଉପଯୁକ୍ତ ନିଷ୍କାସନ, ଦୀର୍ଘଦିନ ଧରି ଜମା ହୋଇ ରହିଥିବା ବର୍ଜ୍ୟବସ୍ତୁର ଅପସାରଣ ଏବଂ ରେଳ ପରିସରକୁ ସ୍ୱଚ୍ଛ ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ପରିବେଶ ସୁରକ୍ଷା ଓ ଜନସାଧାରଣଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ଅଭିଯାନ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ପୂର୍ବତଟ ରେଳପଥର ସମସ୍ତ କ୍ଷେତ୍ରରେ ଜାରି ରହିବ । ସ୍ୱଚ୍ଛତା ଅଭିଯାନ ଅଧୀନରେ କାର୍ଯ୍ୟାଳୟ ପରିସରରୁ ଇ-ବର୍ଜ୍ୟ ଏବଂ ପୁରୁଣା ଫାଇଲ୍‌ଗୁଡ଼ିକର ଉପଯୁକ୍ତ ନିଷ୍କାସନ ଓ ଅପସାରଣ ଉପରେ ବିଶେଷ ଧ୍ୟାନ ଦିଆଯାଉଛି । ଅଦରକାରୀ ଇଲେକ୍ଟ୍ରୋନିକ୍ ସାମଗ୍ରୀ ଏବଂ ଅବ୍ୟବହୃତ ପୁରୁଣା ରେକର୍ଡଗୁଡ଼ିକର ସୁଚାରୁ ପରିଚାଳନା ସହ କାର୍ଯ୍ୟାଳୟ ପରିବେଶକୁ ସ୍ୱଚ୍ଛ ରଖିବା ଏବଂ ଉନ୍ନତ ବର୍ଜ୍ୟ ପରିଚାଳନା ପଦ୍ଧତିକୁ ପ୍ରୋତ୍ସାହିତ କରିବା ଏହାର ଉଦ୍ଦେଶ୍ୟ । ଏଥିସହ କାର୍ଯ୍ୟାଳୟ ପରିସରରେ ଯାନ୍ତ୍ରିକ ପଦ୍ଧତିରେ ସଫେଇ ଏବଂ ରେଳଧାରଣା ପାର୍ଶ୍ୱରେ ଜମା ହୋଇଥିବା ବର୍ଜ୍ୟବସ୍ତୁର ଅପସାରଣ କାର୍ଯ୍ୟ ମଧ୍ୟ କରାଯାଉଛି । ନୂତନ ପିଢ଼ି ମଧ୍ୟରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ପିଲାମାନଙ୍କ ପାଇଁ କୁଇଜ୍, ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଛି । ଅନ୍ୟପକ୍ଷରେ, ଚାଲୁ ରହିଥିବା ସ୍ୱଚ୍ଛତା ଅଭିଯାନ ୬.୦ ଅଧୀନରେ ରାୟଗଡ଼ା, ବଲାଙ୍ଗିର, ବରପାଲି ଓ ଟିଟିଲାଗଡ଼ ଆଦି ରେଳ ଷ୍ଟେସନରେ ଜନସମ୍ବାଦ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ଯାତ୍ରୀ ଓ ସାଧାରଣ ଜନତା ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯାତ୍ରୀମାନେ ରେଳ ଅଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ଷ୍ଟେସନରେ ଉପଲବ୍ଧ ସୁବିଧା, ଟ୍ରେନ୍‌ର ସ୍ୱଚ୍ଛତା ଏବଂ ଯାତ୍ରୀ ସେବା ସମ୍ପର୍କରେ ନିଜର ଅନୁଭୂତି, ମତାମତ ଓ ପରାମର୍ଶ ଦେବାର ସୁଯୋଗ ପାଇଥିଲେ । ଯାତ୍ରୀମାନଙ୍କଠାରୁ ମିଳିଥିବା ମତାମତ ଆଧାରରେ ଉନ୍ନତି ଆବଶ୍ୟକ କରୁଥିବା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ସହ ଯାତ୍ରୀ ସନ୍ତୋଷ ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ ।

## ନଭେମ୍ବର ୧ରୁ ଖୋଲିବ ଶିମିଳିପାଳ; ଦୈନିକ ୬୦ଗାଡ଼ିକୁ ଅନୁମତି



ବାରିପଦା : ୨୦୨୬-୨୭ ପର୍ଯ୍ୟଟନ ଋତୁ ପାଇଁ ଆସନ୍ତା ନଭେମ୍ବର ୧ ତାରିଖରୁ ବିଶ୍ୱପ୍ରସିଦ୍ଧ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଖୋଲିବାକୁ ଯାଉଛି । ଏନେଇ ବନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିସହ ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ନିୟମାବଳୀ ଜାରି ହୋଇଛି । ପର୍ଯ୍ୟଟନ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦୈନିକ ସର୍ବାଧିକ ୬୦ଟି ଚାରିଚକିଆ ଯାନକୁ ଶିମିଳିପାଳ ଭିତରକୁ ପ୍ରବେଶ ଅନୁମତି ମିଳିବ । ଏଥିମଧ୍ୟରୁ ଯଶିପୁର ଫାଟକ ଦେଇ ୩୫ଟି ଏବଂ ପିଠାବଟା ଫାଟକ ଦେଇ ୨୫ଟି ଗାଡ଼ି ପ୍ରବେଶ କରିପାରିବ । ଗାଡ଼ିର ବୈଧ କାଗଜପତ୍ର ସହ ସର୍ବନିମ୍ନ ୧୮୦ ମିଲିମିଟର ଗ୍ରାଉଣ୍ଡ କ୍ଲିୟରାନ୍ସ ରହିବା ବାଧ୍ୟତାମୂଳକ । ଭାରୀଯାନ ପ୍ରବେଶ ଉପରେ ସମ୍ପୂର୍ଣ୍ଣ କଟକଣା ରହିବ । ଚଳିତ ପର୍ଯ୍ୟଟନ ଋତୁରେ ସ୍ଥାନୀୟ ପରିବେଶ ଉନ୍ନୟନ ସମିତି (ଇଡିସି) ପକ୍ଷରୁ ପରିଚାଳିତ ଖୋଲା ଜିପ୍ ସଫାରିର ମଜା ନେଇପାରିବେ ପର୍ଯ୍ୟଟକ । ଗୁଡୁଗୁଡ଼ିଆ, ପିଠାବଟା, ଜାମୁଆଣି, ତାଳବନ୍ଧ ଓ ବରେହିପାଣିରୁ ସଫାରି ସୁବିଧା ଉପଲବ୍ଧ ହେବ । ଏଥିପାଇଁ ରାଜ୍ୟ ଇକୋ-ଟୁର ୱେବସାଇଟ୍ ମାଧ୍ୟମରେ ଅଗ୍ରୀମ ବୁକିଂ କରିବାକୁ ହେବ । ସକାଳ ସଫାରି ଭୋର ୫ଟା ୩୦ରୁ ପାଂଚ ଘଂଟା ଏବଂ ଅପରାହ୍ନ ସଫାରି ଦିନ ୨ଟାରୁ ଚାରି ଘଂଟା ପର୍ଯ୍ୟନ୍ତ ଚାଲିବ । ସେହିପରି କୁମାରୀ, ଗୁଡୁଗୁଡ଼ିଆ, ତାଳବନ୍ଧ, ବରେହିପାଣି ଓ ଜାମୁଆଣିରେ ଥିବା ପ୍ରକୃତି ନିବାସରେ ରାତ୍ରିଯାପନ ପାଇଁ ଅନଲାଇନ୍ ?ରେ ଅଗ୍ରୀମ ଆରକ୍ଷଣ କରିବାକୁ ହେବ । ପର୍ଯ୍ୟଟକମାନେ ଶିମିଳିପାଳର ନିଜସ୍ୱ ୱେବସାଇଟ୍ ମାଧ୍ୟମରେ ଅଗ୍ରୀମ ଅନୁମତିପତ୍ର ବୁକିଂ କରିବେ । ପିଠାବଟା ଫାଟକରେ ସକାଳ ୮ଟାରୁ ୯ଟା ଏବଂ ଯଶିପୁର ଫାଟକରେ ସକାଳ ୫ଟାରୁ ୯ଟା ମଧ୍ୟରେ ପ୍ରବେଶ ସୁଯୋଗ ମିଳିବ । ପ୍ରବେଶ ସମୟରେ ସରକାରୀ ପରିଚୟପତ୍ର ଯାଂଚ କରାଯିବ ଏଥିସହ ପ୍ରତ୍ୟେକ ଗାଡ଼ିରେ ଜଣେ ଲେଖାଏଁ ଅନୁମୋଦିତ ଗାଇଡ୍ ରହିବା ଆବଶ୍ୟକ । ପର୍ଯ୍ୟଟକମାନଙ୍କୁ ଅପରାହ୍ନ ୪ଟା ସୁଦ୍ଧା ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ଅଂଚଳ ଛାଡ଼ିବାକୁ ପଡ଼ିବ । ସେହିପରି ସନ୍ଧ୍ୟା ୬ଟା ପୂର୍ବରୁ କାଳିକାପ୍ରସାଦ କିମ୍ବା ପିଠାବଟା ଫାଟକ ଦେଇ ଅଭୟାରଣ୍ୟରୁ ବାହାରିବାକୁ ନିର୍ଦ୍ଦେଶ ରହିଛି ।

## ରାଜ୍ୟରେ ଘଡ଼ଘଡ଼ି ବିଜୁଳି ସହିତ ଝଡ଼ବର୍ଷା ସମ୍ଭାବନା



ଭୁବନେଶ୍ୱର : ବିଦାୟନେଲା ମୌସୁମୀ । ଓଡ଼ିଶା ସମେତ ସାରା ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସମ୍ପୂର୍ଣ୍ଣ ପ୍ରତ୍ୟାବର୍ତନ କରିଥିବାବେଳେ ଦକ୍ଷିଣ ଭାରତରେ ଉତର ପୂର୍ବ ମୌସୁମୀ ବାୟୁ ପ୍ରବେଶ କରିଛି । ଏଥିସହ ତାମିଲନାଡୁ ଉପକୂଳରୁ ଉତର-ପୂର୍ବ ଓଡ଼ିଶା ପର୍ଯ୍ୟନ୍ତ ଏକ ଟ୍ରଫ୍ ଲାଇନ ସକ୍ରିୟ ରହିଛି । ଏହା ପ୍ରଭାବରେ ରାଜ୍ୟରେ ଆହୁରି ୨ଦିନ ବର୍ଷା ସମ୍ଭାବନା ରହିଥିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି । ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଗୁରୁବାର ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ, କଟକ, ପୁରୀ ଏବଂ ଜଗତ୍‌ସିଂହପୁର ଜିଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇଛି । ଶୁକ୍ରବାର ଜଗତ୍‌ସିଂହପୁର, କଟକ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାର କିଛି ସ୍ଥାନରେ ଘଡ଼ଘଡ଼ି ବିଜୁଳି ସହିତ ଝଡ଼ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି । ଶନିବାର କୋରାପୁଟରେ ପ୍ରବଳ ବର୍ଷା ହେବା ସହିତ ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲାକୁ ଝଡ଼ବର୍ଷା ନେଇ ସତର୍କ ସୂଚନା ଜାରି ହୋଇଛି । ଅନ୍ୟପକ୍ଷରେ ଆସନ୍ତା ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ ଦିନ କିମ୍ବା ରାତି ତାପମାତ୍ରାରେ ସେଭଳି ବିଶେଷ ପରିବର୍ତନ ନ ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

## ଏଫ୍ଆଇଏଚ୍ ପ୍ରୋ ଲିଗ୍ : ଫେବ୍ରୁଆରିରେ ଭାରତର ଘରୋଇ ମ୍ୟାଚ୍



ଭୁବନେଶ୍ୱର : ଏଫ୍ଆଇଏଚ୍ ପ୍ରୋ ଲିଗ୍ ୨୦୨୬-୨୭ ସୂଚୀ ଶୁକ୍ରବାର ଘୋଷିତ ହୋଇଛି । ଭାରତର ଉଭୟ ପୁରୁଷ ଓ ମହିଳା ଦଳ ନିଜ ନିଜର ଘରୋଇ ମ୍ୟାଚ୍ ଆସନ୍ତା ବର୍ଷ ଫେବ୍ରୁଆରିରେ ଖେଳିବେ । ମହିଳା ଦଳ ତା'ର ଘରୋଇ ପର୍ଯ୍ୟାୟ ଫେବ୍ରୁଆରି ୨୩ରୁ ୨୮ ଏବଂ ପୁରୁଷ ଦଳର ଫେବ୍ରୁଆରି ୧୩ରୁ ୨୮ ପର୍ଯ୍ୟନ୍ତ ଖେଳିବ । ଭାରତର ଘରୋଇ ପର୍ଯ୍ୟାୟ ତାରିଖ ଘୋଷଣା ହୋଇଥିଲେ ମଧ୍ୟ ସ୍ଥାନ ନିଶ୍ଚିତ ହୋଇନି । ଭାରତ ଏହି ଘରୋଇ ପର୍ଯ୍ୟାୟରେ ଜର୍ମାନୀ, ଆର୍ଜେଂଟିନା, ଗ୍ରେଟ୍‌ବ୍ରିଟେନ୍, ସ୍ପେନ୍ ବିପକ୍ଷରେ ଖେଳିବ । ସେହିପରି ମହିଳା ଦଳ କେବଳ ଗ୍ରେଟ୍‌ବ୍ରିଟେନ୍ ଓ ସ୍ପେନ୍ ବିପକ୍ଷରେ ଖେଳିବ । ନିକଟରେ ଭାରତୀୟ ପୁରୁଷ ହକି ଦଳ ହରମନ୍‌ପ୍ରୀତ ସିଂହ ନେତୃତ୍ୱରେ ଲଗାତାର ଦ୍ୱିତୀୟ ଲାଗି ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତି ଇତିହାସ ରଚିଥିଲା । ମହିଳା ଦଳ ଫାଇନାଲ୍‌ରେ ଗତ ସଂସ୍କରଣ ବିଜେତା ଚୀନ୍‌କୁ ୧-୦ରେ ହରାଇ ୪୪ ବର୍ଷ ପରେ ପ୍ରଥମ ଥର ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିବାର ଗୌରବ ଅର୍ଜନ କରିଥିଲା । ଏସୀୟ ସ୍ୱର୍ଣ୍ଣ ସହ ଭାରତର ଉଭୟ ଦଳ ୨୦୨୮ ଲସ୍‌ଏଞ୍ଜେଲ୍‌ସ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ମଧ୍ୟ ଅର୍ଜନ କରିଥିଲେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**